Digitized by srujanika@gmail.com

# ନାରୀ-ପ୍ରତିଭା

( ଦ୍ୱିତୀୟ ଖଣ୍ଡ )

ସୂର୍ଯ୍ୟନାରାୟଣ ଦାସ

ଓଡ଼ିଶା ବୁକ୍ ଷ୍ଟୋର

Digitized by srujanika@gmail.com

ଲେଖକ :

ଶ୍ରୀ ସୂର୍ଯ୍ୟନାରାୟଣ ଦାସ୍
ଏମ୍. ଏ. ( ଓ. ଏଫ୍. ଏସ୍ )

ପ୍ରକାଶକ :—

ଶ୍ରୀ ଗୋବିନ୍ଦ ଚରଣ ପାଣ୍ଡ
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦବିହାରୀ, କଟକ-୨

ପ୍ରଥମ ସଂସ୍କରଣ :

ଅକ୍ଷୟତୃତୀୟା, ୧୯୭୭

ମୁଦ୍ରକ :

ଶ୍ରୀ ମହେନ୍ଦ୍ର କୁମାର ବେହେରା
ମେଘମାଳା ପ୍ରିଣ୍ଟର୍ସ, କଟକ-୧

ପ୍ରଚ୍ଛଦ ଶିଳ୍ପୀ :

ଶ୍ରୀ ସୁନାମଣି ସାମଲ

ମୂଲ୍ୟ :

ଦୁଇଟଙ୍କା ପଚିଶ ପଇସା

Digitized by srujanika@gmail.com

# ସୂଚୀ


| | | |
|---|---|---|
| ୧ । | ଏଲିଜାବେଥ୍ | ୧ |
| ୨ । | କ୍ୟାଥେରିନ୍ | ୭ |
| ୩ । | ଭିକ୍ଟୋରିଆ | ୧୫ |
| ୪ । | ଅମୃତ କାଉର | ୨୧ |
| ୫ । | କମଳା ନେହରୁ | ୨୮ |
| ୬ । | ବିଜୟଲକ୍ଷ୍ମୀ ପଣ୍ଡିତ | ୩୫ |
| ୭ । | ଗୋଲଡ଼ା ମେଇର | ୪୩ |
| ୮ । | ସୁଚେତା କୃପାଳନୀ | ୪୯ |
| ୯ । | ଦୁର୍ଗାବାଈ ଦେଶମୁଖ | ୫୮ |
| ୧୦ । | ଶିରିମାଭୋ ବନ୍ଦରନାଇକ | ୬୫ |


Digitized by srujanika@gmail.com

## "ନାରୀ-ପ୍ରତିଭା"ର ଅନ୍ୟାନ୍ୟ ଖଣ୍ଡ ସଂପର୍କରେ

୧ମ ଖଣ୍ଡ—ମିରାବାଈ, ରମାବାଈ, ନିବେଦିତା, ଶ୍ରୀ ମା, କସ୍ତୁରବା, ମଦର ଟେରେସା ପ୍ରମୁଖ ୧୦ ଜଣ ଭକ୍ତିପ୍ରାଣା ଓ ସେବା ପରାୟଣା ମହିଳାଙ୍କର ଜୀବନୀ ।

୩ୟ ଖଣ୍ଡ—ଜନ୍ ଆର୍କ, ରାଣୀ ଦୁର୍ଗାବାଈ, ଇନ୍ଦିରା ଗାନ୍ଧୀ, ମାଡ଼ାମ କ୍ୟୁରି ପ୍ରମୁଖ ସମାଜ, ବିଜ୍ଞାନ ଓ ରାଜନୀତି କ୍ଷେତ୍ରରେ ବିପ୍ଳବ ପ୍ରବର୍ତ୍ତନ କରିଥିବା ୧୦ ଜଣ ବିଶିଷ୍ଟା ନାରୀଙ୍କର ଜୀବନୀ ।

୪ର୍ଥ ଖଣ୍ଡ—ପର୍ଲ୍‌ବାକ୍, ଜେନ୍ ଅଷ୍ଟିନ୍, ସରୋଜିନୀ ନାଇଡ଼ୁ, ଶୁଭଲକ୍ଷ୍ମୀ, ସୋଫିଆ ଲରେନ ପ୍ରମୁଖ ୧୦ ଜଣ ସଙ୍ଗୀତ ଓ ସାହିତ୍ୟ ସାଧିକାଙ୍କର ଜୀବନୀ ।

୫ମ ଖଣ୍ଡ—ସ୍ୱର୍ଗତ କୁନ୍ତଳାକୁମାରୀଙ୍କଠାରୁ ନନ୍ଦିନୀ ଶତପଥୀଙ୍କ ପର୍ଯ୍ୟନ୍ତ ସ୍ୱନାମଧନ୍ୟା ଉତ୍କଳୀୟ ନାରୀଙ୍କର ଜୀବନୀ ଓ କୃତିତ୍ୱ ବିବରଣ ।

Digitized by srujanika@gmail.com

॥ ଏକ ॥

# ଇଂଲଣ୍ଡରେ ନବଯୁଗର ଜନ୍ମଦାତ୍ରୀ

# ରାଣୀ ଏଲିଜାବେଥ୍

[ ୧୫୩୩-୧୬୦୩ ]

ଏଲିଜାବେଥ-ଯୁଗର ଇଂଲଣ୍ଡ ଥିଲା 'ସୁଗାୟକ ପକ୍ଷୀକୁଳର ଏକ ମନୋରମ ନୀଡ଼' (A nest of singing birds) । 'ଯିଏ ମରିବାକୁ ଚାହେଁ ସେ ନିର୍ବୋଧ' (Men are fools that wish to die)—ଏହା ଥିଲା ତଦାନୀନ୍ତନ ଯୁଗଧର୍ମୀ ସଙ୍ଗୀତର ଘୋଷା । ଜୀବନର ଅନ୍ତଃସାର ଆହରଣ, ଅସୀମ ଜ୍ଞାନର ସନ୍ଧାନ, ସର୍ବଶ୍ରେଷ୍ଠ ଅନୁଭୂତିର ସାର୍ଥକତା ପ୍ରତିପାଦନ ତଥା ଏକ ନୂଆ ଦୁନିଆର ଅନ୍ୱେଷଣ ଥିଲା ସେହି ଯୁଗର ଶ୍ରେଷ୍ଠ ଅବଦାନ । ବ୍ରିଟିଶ ନୌ-ଶକ୍ତିର ପ୍ରାଧାନ୍ୟ ପ୍ରତିଷ୍ଠା ତାଙ୍କ ଶାସନକାଳର ଅନ୍ୟତମ ବିଶେଷତ୍ୱ ।

ବ୍ରିଟିଶ ଇତିହାସରେ ଏଲିଜାବେଥ୍‌ଙ୍କ କାର୍ଯ୍ୟକାଳକୁ ବାଦ ଦେଲେ ଅନ୍ୟ କୌଣସି ଶାସନକାଳରେ ସେଭଳି ଉଲ୍ଲେଖଯୋଗ୍ୟ ଅଲୌକିକତା, ଅଭିଯାନ, ଦୁଃସାହସିକତା ଓ କବିତାର ବିକାଶ ପରିଦୃଷ୍ଟ ହୁଏ ନାହିଁ । ଇଂଲଣ୍ଡ ଯେତେବେଳେ ଏକ ରାଜନୈତିକ ଅସ୍ଥିରତା ଓ ସାମାଜିକ ସଙ୍କଟ ଦେଇ ଗତି କରୁଥିଲା, ସେତେ-

Digitized by srujanika@gmail.com

୨

ବେଳେ ସେ ରାଜସିଂହାସନ ଆରୋହଣ କରିଥିଲେ ଏବଂ ରାଣୀ ପଦରୁ ଶରୀରଦାୟୀ ନେଲବେଳକୁ ଇଂଲଣ୍ଡକୁ ସମୃଦ୍ଧ, ସରସ ଓ ସୁମହାନ୍ କରାଯାଇଥିଲେ । ତାଙ୍କ ଶାସନକାଳରେ ପୃଥିବୀପ୍ରସିଦ୍ଧ ସାହିତ୍ୟିକ ସେକ୍ସପିୟର ଓ ସ୍ପେନ୍ସେର ଜନ୍ମଗ୍ରହଣ କରିଥିଲେ, ସାର୍ ଓ୍ୱାଲ୍ଟର ରାଲି ଓ ଫ୍ରାନ୍ସିସ ଡ୍ରେକ୍ଙ୍କ ଭଳି ବୀରପୁରୁଷ ଆବିର୍ଭୂତ ହୋଇଥିଲେ । ରାଣୀ ଏଲିଜାବେଥ୍ ବ୍ରିଟିଶ ସଭ୍ୟତାକୁ ଏଭଳି ଶକ୍ତି ଓ ସମୃଦ୍ଧ କରି ଦେଇଗଲେ ଯେ ଆଗାମୀ ବହୁ ଯୁଗ ପାଇଁ ସେହି ବିଶାଳ ସାମ୍ରାଜ୍ୟରେ ସୂର୍ଯ୍ୟାସ୍ତ ହୋଇ ନ ଥିଲା ।

ଏଲିଜାବେଥ୍ ହେନ୍‌ରି ଅଷ୍ଟମଙ୍କ ଔରସରୁ ତାଙ୍କର ଦ୍ୱିତୀୟା ରାଣୀ ଏନବୋଲିନଙ୍କ ଗର୍ଭରୁ ୧୫୩୩ରେ ଭୂମିଷ୍ଠା ହୋଇଥିଲେ । ହେନ୍‌ରି ଏନବୋଲିନଙ୍କ ଗର୍ଭରୁ ଏକ ପୁତ୍ରସନ୍ତାନ କାମନା କରିଥିଲେ । ତେଣୁ କନ୍ୟା ଏଲିଜାବେଥ୍ ପ୍ରତି ସେ ସେତେ ସ୍ନେହଭାବ ଦେଖାଇ ନ ଥିଲେ । ସେ ବାଲ୍ୟଜୀବନରେ ବିଶେଷ ଘୃଣା ଓ ନିନ୍ଦିତା ହୋଇଥିଲେ । ସେଥିପାଇଁ ତାଙ୍କର ମାତାଙ୍କୁ ମଧ୍ୟ ୧୫୩୬ରେ ଆତ୍ମବଳୀ ଦେବାକୁ ପଡ଼ିଥିଲା । ଅବଶ୍ୟ, ଏସବୁ ସତ୍ତ୍ୱେ ସେ ବହୁ ବରିଷ୍ଠ ଶିକ୍ଷକଙ୍କର ଛାତ୍ରୀ ହୋଇ ପାରିଥିଲେ ଏବଂ ବୈମାତୃକ ଭ୍ରାତା ଏଡ଼ୱାର୍ଡ଼ଙ୍କ ସାନ୍ନିଧ୍ୟ ପାଇ ବହୁ ଗ୍ରନ୍ଥପାଠ କରିବାର ସୁଯୋଗ ଲାଭ କରିଥିଲେ ।

୧୫୪୭ରେ ହେନ୍‌ରି ଅଷ୍ଟମଙ୍କର ସ୍ୱର୍ଗାରୋହଣ ପରେ ଦଶ ବର୍ଷ ବୟସ୍କ ବାଳକ ଏଡ଼ୱାର୍ଡ଼ ଷଷ୍ଠ ସିଂହାସନ ଆରୋହଣ କଲେ ଏବଂ ତାଙ୍କ ମାତୁଳ ସମରସେଟ୍‌ର ଯୁବରାଜଙ୍କର ତତ୍ତ୍ୱାବଧାନରେ ଶାସନକାର୍ଯ୍ୟ ନିର୍ବାହ କଲେ । କିନ୍ତୁ ଆଠ ବର୍ଷ ପରେ ଏଡ଼ୱାର୍ଡ଼ଙ୍କର ମୃତ୍ୟୁ ଘଟିଥିଲା ଏବଂ ରକ୍ତପିପାସୀ ମେରୀଙ୍କ ରାଜତ୍ୱ

Digitized by srujanika@gmail.com

ଆରମ୍ଭ ହେଲା । ଦୁର୍ଭାଗ୍ୟ ବା ସୌଭାଗ୍ୟବଶତଃ ପାଞ୍ଚ ବର୍ଷ ପରେ ତାଙ୍କର ମଧ୍ଯ ଦେହାନ୍ତ ହେଲା ଓ ଏଲିଜାବେଥ୍ ପଚିଶ ବର୍ଷ ବୟସରେ ରାଜସିଂହାସନ ଆରୋହଣ କଲେ ।

ବ୍ରିଟିଶ ପାର୍ଲାମେଣ୍ଟରେ ତାଙ୍କର ପ୍ରଥମ ବକ୍ତୃତା ପ୍ରଦାନ କରି ରାଣୀ ଏଲିଜାବେଥ୍ ସ୍ପଷ୍ଟ ଘୋଷଣା କରିଥିଲେ, "ମୋର ପ୍ରଜାମାନଙ୍କର ସ୍ନେହସୌହାର୍ଦ୍ଦ୍ୟ ବ୍ୟତୀତ ପୃଥିବୀପୃଷ୍ଠରେ ମୋର ଅନ୍ୟ କୌଣସି ପ୍ରିୟ ପଦାର୍ଥ ନାହିଁ" ଏବଂ ଆଜୀବନ ସେ ସେହି ମନ୍ତ୍ରରେ ଅନୁପ୍ରାଣିତ ହୋଇଥିଲେ । ସେ ଅତ୍ୟନ୍ତ ପ୍ରଜାବତ୍ସଳ ଥିଲେ ଏବଂ ଇଂଲଣ୍ଡବାସୀ ମଧ୍ଯ ତାଙ୍କୁ ଯଥେଷ୍ଟ ସ୍ନେହ ଓ ସମ୍ମାନ ପ୍ରଦର୍ଶନ କରୁଥିଲେ ।

ଏଲିଜାବେଥ୍ ତାଙ୍କ ଶାସନର ଆଦ୍ୟ କାଳରେ ରାଜ୍ୟର ଅବସ୍ଥା ସୁଧାରିବା ଦିଗରେ ଚେଷ୍ଟା କଲେ ଏବଂ ଶୁଳ୍କ ଆଦାୟ କରି ତାକୁ ଋଣମୁକ୍ତ କଲେ । ସେ କେଥଲିକ୍ ଧର୍ମର ପକ୍ଷପାତୀ ଥିଲେ ମଧ୍ଯ ଧର୍ମଗତ ଭେଦଭାବର ତୀବ୍ର ନିନ୍ଦା କରିଥିଲେ । ସେ ଅନୁଭବ କରୁଥିଲେ ଯେ ଧାର୍ମିକ ଉତ୍ପୀଡ଼ନ ହିଁ ତାଙ୍କ ଶାସନର ଏକମାତ୍ର କଳଙ୍କ । ତେଣୁ ତାହା ଦୂର କରିବା ଲାଗି ସେ ଦୃଢ଼ ପଦକ୍ଷେପ ନେଇଥିଲେ । ଏପରି କି ନିଜେ ବିବାହ କଲେ ପତି ଯଦି ଧର୍ମାନ୍ଧ ହୋଇଥିବେ, ନିଜ ଉପରେ ତାଙ୍କର ପ୍ରଭାବ ପଡ଼ିବ ବୋଲି ସେ ବିବାହ କରି ନ ଥିଲେ ।

ରାଣୀ ଏଲିଜାବେଥ୍ ଜଣେ ଦିବ୍ୟା ସୁନ୍ଦରୀ ଥିଲେ । ତାଙ୍କର କୁଞ୍ଚିତ ସୁବର୍ଣ୍ଣ କେଶ, ଗୌର ବଦନ, ତୀକ୍ଷ୍ଣ ନୀଳ ଚକ୍ଷୁ ଏବଂ ସୁଦୀର୍ଘ ହସ୍ତ ଯୁଗଳ ଦେଖଣାହାରୀମାନଙ୍କର ଚିତ୍ତ ହରଣ କରୁଥିଲା । ଏଲିଜାବେଥ୍ ମଧ୍ଯ ବିଳାସବ୍ୟସନ ଓ ରାଜକୀୟ ଆଡ଼ମ୍ବରକୁ ସ୍ୱାଗତ

Digitized by srujanika@gmail.com

କରୁଥିଲେ । ତାହାଦ୍ୱାରା ଲୋକମାନଙ୍କୁ ବିମୁଗ୍ଧ କରି ସେମାନଙ୍କୁ ଉତ୍ସାହିତ କରୁଥିଲେ । ସେ ବହୁ ପ୍ରେମାଭିନୟ ମଧ୍ୟ କରିଥିଲେ । ସ୍ପେନର ଫିଲିପ, ଅଷ୍ଟ୍ରିଆର ଚାର୍ଲସ, ଆଞ୍ଜୁର ହେନ୍‌ରୀ ଓ ଫ୍ରାନ୍‌ସିସ, ଡନ ଜନ୍ ଓ ଏସେକ୍‌ସ ପ୍ରମୁଖଙ୍କର ସେ ପ୍ରେମିକା ଥିଲେ । କିନ୍ତୁ ଏ ମଧ୍ୟରୁ କାହାକୁ ହେଲେ ସେ ପ୍ରକୃତ ପ୍ରେମଦାନ କରି ନ ଥିଲେ । ତାଙ୍କର ପ୍ରେମ ଥିଲା ଏକ ରାଜନୈତିକ ଚାଲବାଜି । ସେ ସମସ୍ତଙ୍କଠାରୁ ନିଜର ସ୍ୱାର୍ଥସାଧନ କରି ସେମାନ-ଙ୍କର ପ୍ରେମନିବେଦନକୁ ପଦାରେ ପକାଇ ଦେଇଥିଲେ ।

ସେ ରାଜକୁମାରୀ ଥିଲେ ସତ, କିନ୍ତୁ ତାଙ୍କ ଶରୀରରେ ରାଜକୀୟ ଉଷ୍ଣରକ୍ତ ପ୍ରବାହିତ ହେଉ ନ ଥିଲା । ସେ ଅତି ଶିଥିଳ ପ୍ରକୃତିର ରମଣୀ ଥିଲେ । ମିଶରରାଣୀ କ୍ଲିଓପାଟ୍ରାଙ୍କ ଭଳି ତାଙ୍କର ଉଗ୍ର କାମ-ବାସନା ନ ଥିଲା । ତାଙ୍କର ସେଭଳି ବିଚିତ୍ର ଅଭି-ନୟରେ ଏକ ଉନ୍ମାଦନା ଥିଲା ଓ ତାହା କବି, ଲେଖକ, ପରିବ୍ରାଜକ ଓ ବୀର ସୈନିକମାନଙ୍କୁ ଉଦ୍‌ବୁଦ୍ଧ କରୁଥିଲା । କୌଣସି ବ୍ୟକ୍ତି ନୁହେଁ, ଦେଶ ହିଁ ଥିଲା ତାଙ୍କର ଶ୍ରେଷ୍ଠ ପ୍ରେମିକ । ଇଂଲଣ୍ଡକୁ ସେ ଅନ୍ତରର ସହ ପ୍ରେମ କରୁଥିଲେ ।

ଏଭଳି ତିରିଶ ବର୍ଷ ରାଜତ୍ୱ କଲା ପରେ ତାଙ୍କର ଏକ ଶକ୍ତି ପରୀକ୍ଷାର ବେଳ ଆସିଲା । ସ୍ପେନ ପକ୍ଷରୁ ଯୁଦ୍ଧ ଆହ୍ୱାନ କରାଗଲା । ସେତେବେଳକୁ ଇଂଲଣ୍ଡର ଅସ୍ତ୍ରଶସ୍ତ୍ର ଯଥେଷ୍ଟ ନ ଥିଲା । ତଥାପି ଏଲିଜାବେଥ୍‌ଙ୍କର ଓଜସ୍ୱିନୀ ଉଦ୍‌ବୋଧନ ଜନତା ପ୍ରାଣରେ ଅପୂର୍ବ ଶକ୍ତି ସଞ୍ଚାର କଲା । ସେତେବେଳେ ସେ ଘୋଷଣା କଲେ—

"ମୋର ବିଶ୍ୱସ୍ତ ଓ ପ୍ରିୟ ପ୍ରଜାବୃନ୍ଦଙ୍କ ପ୍ରତି ବିଶ୍ୱାସ-ଘାତକତା କରି ବଞ୍ଚିବା ମୁଁ ଶ୍ରେୟଃ ମନେକରେ ନାହିଁ । ମୁଁ

Digitized by srujanika@gmail.com

ଅବଳା ଓ ଦୁର୍ବଳା ସତ, କିନ୍ତୁ ମୋର ହୃଦୟ ଏକ ରାଜାର ହୃଦୟ । ଯୁରୋପର ସ୍ପେନ ବା ଅନ୍ୟ କୌଣସି ରାଜା ମୋର ପରିସୀମା ମଧ୍ୟରେ ପଦାର୍ପଣ କରିବ, ମୁଁ ଏହା ଚିନ୍ତା ବି କରି-ପାରିବି ନାହିଁ ।''

ସେହି ଉଦ୍‌ବୋଧନ ବାଣୀରେ ଇଂଲଣ୍ଡର ଯୁବଶକ୍ତି ଜାଗ୍ରତ ହୋଇଥିଲା ଏବଂ ତାର ପରିଣତିରେ ସ୍ପେନୀୟ ଆକ୍ରମଣ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯାଇଥିଲା । ସେହି ଦିବସ ( ୧୭ ନଭେମ୍ବର ୧୫୮୮ ) ଥିଲା ବ୍ରିଟିଶ ଇତିହାସରେ ଏକ ଗୌରବମୟ ଦିବସ; ସେହି ଘଟଣା ଥିଲା ଏଲିଜାବେଥ୍ ଶାସନକାଳର ଚରମ ଉତ୍କର୍ଷ ।

ରାଣୀ ଏଲିଜାବେଥ୍‌ଙ୍କର ଶେଷ ପନ୍ଦର ବର୍ଷର ରାଜତ୍ୱରେ ବିଶେଷ ଚମତ୍କାରିତା ନ ଥିଲା । ସେ ଧୀରମନ୍ଥର ଗତିରେ କାର୍ଯ୍ୟ କରିବାରେ ଲାଗିଲେ । ଯାହା ଆସନ୍ନାକାଳ କରାଯାଇ ପାରିବ ତାକୁ ସେ କଦାପି ଆଜି ଆଜି କଲେ ନାହିଁ । ଧର୍ମକ୍ଷେତ୍ରରେ ପ୍ରବେଶ କରି ଲୁଥେରବାଦୀମାନଙ୍କୁ ନୀରବ କରାଇ ଦେଇ ଏକ କେଥଲିକ୍ ଧର୍ମପୀଠ ପ୍ରତିଷ୍ଠା କଲେ । ୨୫ ଫେବୃୟାରୀ ୧୬୦୧ରେ ତାଙ୍କର ଜନୈକ ତଥାକଥିତ ପ୍ରେମିକ ଏସେକ୍‌ସଙ୍କ ମୃତ୍ୟୁରେ ସେ ଭାଙ୍ଗି-ପଡ଼ିଲେ ଏବଂ ତାର ଦୁଇ ବର୍ଷ ପରେ ୨୪ ମାର୍ଚ୍ଚ ୧୬୦୩ରେ ରାଣୀ ଏଲିଜାବେଥ୍ ଇହଲୋକ ଛାଡ଼ିଲେ ।

ସେ ଯାହାହେଉ, ଏଲିଜାବେଥ୍ ଥିଲେ ଅସାଧାରଣ ଭାବେ ଶିକ୍ଷିତା, ଚତୁରା ଓ ପ୍ରଜାବତ୍ସଳା । ଇଂଲଣ୍ଡ ଥିଲା ତାଙ୍କର ପରମ ପତି । ତାତ୍କାଳୀନ ଇଂଲଣ୍ଡରେ ଏକ ନବଯୁଗକୁ ଜନ୍ମଦେବା ଭୂମିକାରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । ସେ ଇଂଲଣ୍ଡର

Digitized by srujanika@gmail.com

'ଶ୍ରୀ—ଦେବୀ' (Gloriana) ନାମରେ ସୁପରିଚିତା । ସମାଲୋଚକ ରିକେଟ୍‌ଙ୍କ ଭାଷାରେ, The aggrandisement of wealth, the discovery of other worlds, the acquisition of knowledge·········were sought after by the Elizabathens in the eager, idealising, adveturoue spirit of Youth. Life was a glorious adventure; and knowledge itself a fantastic game."

ଅର୍ଥାତ୍, "ଧନର ପରିବର୍ଦ୍ଧନ, ଅନ୍ୟ ଦୁନିଆର ଆବିଷ୍କାର ଓ ଜ୍ଞାନ ଆହରଣ ଥିଲା ଆଗ୍ରହଶୀଳ, ଆଦର୍ଶପ୍ରେମୀ, ଦୁଃସାହସିକ ଯୁବସୁଲଭ ଏଲିଜାବେଥ୍ ଯୁଗୀୟ ଜନସାଧାରଣଙ୍କର କାମ୍ୟ । ଜୀବନ ଥିଲା ଏକ ମହିମାମୟ ଅଭିଯାନ, ଆଉ ଜ୍ଞାନ ଥିଲା କଳ୍ପନାର କ୍ରୀଡ଼ା ବିଳାସ ।"

Digitized by srujanika@gmail.com

॥ ଦୁଇ ॥

## ଋଷିଆର ପୁରୁଷୋତ୍ତମା ଶାସନକର୍ତ୍ତ୍ରୀ

# ମହାରାଣୀ କ୍ୟାଥେରିନ୍

[ ୧୭୨୯-୧୭୯୬ ]

କ୍ୟାଥେରିନ୍ ଥିଲେ ଜଣେ ଜର୍ମାନ ମହିଳା । କିନ୍ତୁ ତାଙ୍କ ଧମନୀରେ ଜର୍ମାନ ରକ୍ତର ଉଷ୍ମତା ଅପେକ୍ଷା ରୁଷୀୟ ପ୍ରୀତିର ଉଗ୍ରତା ଅଧିକ ଥିଲା । ସେ ଜନ୍ମଭୂମିଠାରୁ ସେବାଭୂମିକୁ ବଡ଼ ମଣିଥିଲେ । ରୁଷିଆର ସର୍ବାଙ୍ଗୀନ ଉନ୍ନତିସାଧନ ନିମନ୍ତେ ସେ ଆପ୍ରାଣ ଉଦ୍ୟମ କରିଥିଲେ । ସେ ଥିଲେ ଏକାଧାରରେ ଯୁଦ୍ଧ-ବିପ୍ଳବର ନିର୍ଦ୍ଦେଶିକା, ପାଣ୍ଡିତ୍ୟସଂସ୍କୃତିର ଉପାସିକା, ବୈପ୍ଳବିକ ସଂସ୍କାରର ପ୍ରବର୍ତ୍ତିକା—ସୁଶୀଳା, ସହନଶୀଳା, ପ୍ରେମ ବିହ୍ୱଳା ଅଥଚ ବୀର, ସାହସିକା, ରାଜନୀତିପ୍ରବୀଣା ଓ ନିପୁଣ କୂଟନୀତିଜ୍ଞା । ତାଙ୍କର 'ଶ୍ରେଷ୍ଠା' (the great) ଉପାଧିର ସେ ଥିଲେ ଯଥାର୍ଥ ଅଧିକାରିଣୀ ।

ଜର୍ମାନୀର ଏକ କ୍ଷୁଦ୍ର ରାଜ୍ୟ ଜେରବଷ୍ଟ୍ର୍ଟରେ ୧୭୨୯ ମସିହାରେ କ୍ୟାଥେରିନଙ୍କର ଜନ୍ମ । ତାଙ୍କର ପିତା ଖ୍ରୀଷ୍ଟିୟାନ ଅଗଷ୍ଟାସ୍ ଥିଲେ ଅନାଲଟ୍-ଜେରବଷ୍ଟ-ବେର୍ଣ୍ଣବର୍ଗର ନରପତି । କ୍ୟାଥେରିନ୍‌ଙ୍କର ଜନ୍ମକାଳୀନ ବାଲ୍ୟ ନାମ ଥିଲା ସୋଫିଆ

Digitized by srujanika@gmail.com

ଅଗଷ୍ଟା ଫ୍ରେଡ୍ରେରିକା । ସୋଫିଆ ରାଜପ୍ରାସାଦର ବିଳାସପୂର୍ଣ୍ଣ ପରିବେଶରେ ବାଲ୍ୟଜୀବନ ଅତିବାହିତ କରିଥିଲେ । ଅତି ଅଳ୍ପ ବୟସରୁ ସେ ନିଜ ଦୃଷ୍ଟିଭଙ୍ଗୀ ଓ ମନୋବଳରେ କଳା ଓ ପାଣ୍ଡିତ୍ୟ ପ୍ରତି ଆକୃଷ୍ଟ ହୋଇଥିଲେ । ତାଙ୍କ ପିତା ଥିଲେ ବିଳାସପ୍ରିୟ, ନିଶାସକ୍ତ, କାମାତୁର ଓ ଜଣେ କାପୁରୁଷ । ସୋଫିଆଙ୍କ ଉପରେ ପିତାଙ୍କର ବଦ୍‌ଗୁଣର ବିଶେଷ ପ୍ରଭାବ ପଡ଼ି ନ ଥିଲା । ସେ ଥିଲେ ବାଲ୍ୟ ଜୀବନରୁ ସ୍ୱାଧୀନଚେତା ବାଳିକା ।

ରୁଷିଆର ରାଣୀ ଏଲିଜାବେଥ୍ ତାଙ୍କର ଭ୍ରାତୃଷ୍ପୁତ୍ର ପିଟରଙ୍କ ପାଇଁ ଏକ ସୁଯୋଗ୍ୟା ପାତ୍ରୀର ସନ୍ଧାନ କରିବାକୁ ଯାଇ ଖ୍ରୀଷ୍ଟିଆନ୍ ଅଗଷ୍ଟାସ୍‌ଙ୍କ କନ୍ୟା ସୋଫିଆ ଉପରେ ଆଖି ପକାଇଲେ । ୧୭୪୪ ମସିହାରେ ରାଣୀସାହେବା ଓ ସୋଫିଆଙ୍କୁ ସେ ରୁଷିଆକୁ ନିମନ୍ତ୍ରଣ କଲେ । ସେହି ନିମନ୍ତ୍ରଣ ରକ୍ଷା କରିବାକୁ ଯାଇ ଅଗଷ୍ଟାସ୍ ପତ୍ନୀ ଓ କନ୍ୟାଙ୍କୁ ପିଟରସ୍‌ବର୍ଗ (ବର୍ତ୍ତମାନର ଲେନିନ୍‌ଗ୍ରାଡ୍)କୁ ପ୍ରେରଣ କଲେ । ସେଠାରେ ରାଣୀ ଏଲିଜାବେଥ ତାଙ୍କୁ ରାଜକୀୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସୋଫିଆ ୧୪ ବର୍ଷ ବୟସରେ ରୁଷ ମାଟିରେ ଯେଉଁ ପଦାର୍ପଣ କଲେ, ସେଠାରୁ ସେ ଆଉ ଜୀବନରେ ଜର୍ମାନୀକୁ ପ୍ରତ୍ୟାବର୍ତ୍ତନ କରି ନ ଥିଲେ ।

ରାଣୀ ଏଲିଜାବେଥ ପିଟରସ୍‌ବର୍ଗଠାରେ ସୋଫିଆଙ୍କୁ ତାଙ୍କର ପ୍ରସ୍ତାବିତ ଭାବୀ ସ୍ୱାମୀ ଯୁବରାଜ ପିଟରଙ୍କ ସହିତ ସାକ୍ଷାତ କରାଇ-ଥିଲେ । ପିଟରଙ୍କ ବୟସ ସେତେବେଳେ ମାତ୍ର ୧୬ ବର୍ଷ । ରୂପ, ଗୁଣ, ବୁଦ୍ଧି, ବିବେକ, ସ୍ୱାସ୍ଥ୍ୟ ଓ ଶାରୀରିକ ଗଠନ କୌଣସି ଗୁଣ ତାଙ୍କଠାରେ ଦେଖିବାକୁ ମିଳି ନ ଥିଲା । ଏହା ବାଦ୍ ଛଡ଼ା, ପିଟର ସୋଫିଆଙ୍କ ସମ୍ମୁଖରେ ସଙ୍ଗେ ସଙ୍ଗେ ପ୍ରକାଶ କରିଥିଲେ ଯେ,

Digitized by srujanika@gmail.com

ସେ ତାଙ୍କୁ ବିବାହ କରିବାକୁ ଆଗ୍ରହୀ କିନ୍ତୁ ରାଜପ୍ରାସାଦର ଜଣେ ପୋଇଲି ଏଲିଜାବେଥ୍ ଭରନ୍ତୋଭ ସହିତ ତାଙ୍କର ପ୍ରେମ-ସମ୍ପର୍କ ଅଛି । ଏଭଳି ଏକ ପ୍ରସ୍ତାବରେ ସୋଫିଆଙ୍କର ମାତା ଆଦୌ ରାଜି ନ ଥିଲେ; କିନ୍ତୁ ରାଣୀ ଏଲିଜାବେଥ୍ ପିଟରଙ୍କ ପାଇଁ ସୋଫିଆ ହିଁ ଉପଯୁକ୍ତା ବୋଲି ଭାବୁଥିଲେ ଏବଂ ସୋଫିଆ ମଧ୍ୟ ପିଟରଙ୍କୁ ସ୍ୱାମୀ ରୂପେ ଗ୍ରହଣ କରିବାକୁ ସମ୍ମତା ହୋଇଥିଲେ । ବୋଧହୁଏ କିଶୋରୀ ସୋଫିଆ ସେତେବେଳୁ ତାଙ୍କ ଭବିଷ୍ୟତ ଜୀବନର କର୍ମକ୍ଷେତ୍ର ବିଷୟରେ ଅନୁମାନ କରିପାରିଥିଲେ ।

ସେ ସମୟରେ ସୋଫିଆ ହଠାତ୍ ଭୀଷଣ ରୋଗଗ୍ରସ୍ତା ହୋଇପଡ଼ିଲେ ଏବଂ ମାସକ ଭିତରେ ତାଙ୍କର ଷୋହଳ ଥର ପର୍ଯ୍ୟନ୍ତ ରକ୍ତସ୍ରାବ ଘଟିଥିଲା । ଅବଶ୍ୟ ବହୁ କଷ୍ଟରେ ସେ ସେଥିରୁ ନିସ୍ତାର ପାଇଥିଲେ । ତା ପରେ ତାଙ୍କୁ ରୁଷ ଭାଷା ଓ ଗ୍ରୀକ୍ ଧର୍ମ ସମ୍ପର୍କରେ ଜ୍ଞାନ ଅର୍ଜନ କରିବା ଲାଗି ନିର୍ଦ୍ଦିଷ୍ଟ ଶିକ୍ଷା ଦିଆଗଲା । ଉଭୟ ବିଷୟରେ ସେ ବିଶେଷ ଆଗ୍ରହୀ ହୋଇ ଉଠିଲେ । ଶାରୀରିକ ଦୁର୍ବଳତା ସତ୍ତ୍ୱେ ସୋଫିଆ ରୁଷ ସାହିତ୍ୟ ଓ ସଂସ୍କୃତି ସମ୍ବନ୍ଧରେ ମନଯୋଗ ସହକାରେ ଅଧ୍ୟୟନ କଲେ । ଏହା ପରେ ତାଙ୍କୁ ଗ୍ରୀସୀୟ ଗୀର୍ଜାରେ ଧର୍ମାନ୍ତରିତ କରାଯାଇ କ୍ୟାଥେରିନ୍ ଆଲେକ୍‌ଜେଭନା ନାମରେ ଭୂଷିତ କରାଗଲା ଏବଂ ୧୭୪୫ ମସିହା ଅଗଷ୍ଟ ମାସରେ ପିଟରଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ ହେଲା । ନିଜ ଇଚ୍ଛା ବିରୁଦ୍ଧରେ ଏହା ସମ୍ପାଦିତ ହୋଇଥିବାରୁ କ୍ୟାଥେରିନ୍‌ଙ୍କ ମାତା ରୁଷରୁ କନ୍ୟାଠାରୁ ବିଦାୟ ନେଇ ଜର୍ମାନୀକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

ତେବେ, କ୍ୟାଥେରିନ୍ ଓ ପିଟରଙ୍କ ବୈବାହିକ ଜୀବନ ସରଳ ଓ ସୁଖମୟ ହୋଇ ନ ଥିଲା । ପିଟରଙ୍କର ଦୁର୍ବଳ ଶରୀର

Digitized by srujanika@gmail.com

ଚଡ଼ାଚାଉ ରୂପ, ଅଶିଷ୍ଟ ବ୍ୟବହାର, ମୋଟାବୁଦ୍ଧି ଓ ଲମ୍ପଟୀ ପ୍ରକୃତ କ୍ୟାଥେରିନ୍‌ଙ୍କୁ ଭଲ ଲାଗୁ ନ ଥିଲା । ଅନ୍ୟ ପକ୍ଷରେ, ପିଟରଙ୍କର ଏଲିଜାବେଥ୍ ଭରନ୍ତଜୋଭଙ୍କ ପ୍ରତି ଆସକ୍ତି ବୃଦ୍ଧି ପାଉଥିଲା ଏବଂ ତାଙ୍କୁ ଭଲ ପାଇବାକୁ ଯାଇ ସେ କ୍ୟାଥେରିନ୍‌ଙ୍କୁ ଘୃଣା ଚକ୍ଷୁରେ ଦେଖୁଥିଲେ । କିନ୍ତୁ କ୍ୟାଥେରିନ୍ ବିଶେଷ ସୁନ୍ଦରୀ ନ ଥିଲେ ମଧ୍ୟ କଦାପି ଅସୁନ୍ଦରୀ ନ ଥିଲେ । ସେ ଥିଲେ ବୁଦ୍ଧିମତୀ, ବ୍ୟବହାର କୁଶଳା ଓ ସୁରୁଚି ସମ୍ପନ୍ନା । ଏଣୁ ପ୍ରକୃତ ଜୀବନକୁ ଉପଭୋଗ କରିବା ପାଇଁ ସେ ସ୍ୱପ୍ନାର୍ଥୀ ଥିଲେ ।

ଏହିପରି ପରିସ୍ଥିତିରେ ୮' ବର୍ଷ କାଳ ସଂଘର୍ଷମୟ ବିବାହିତ ଜୀବନଯାପନ କଲା ପରେ କ୍ୟାଥେରିନ୍ ୧୭୫୧ ମସିହାରେ ପ୍ରଥମଥର ପାଇଁ ଅନ୍ୟଜଣେ ପ୍ରେମିକ ପ୍ରତି ଆସକ୍ତ ହେଲେ । ପିଟର ସେଥିରେ ବିଶେଷ ବିଚଳିତ ଜଣାଗଲେ ନାହିଁ । ତାପରେ ତାଙ୍କଠାରେ ବହୁକାପୁ ବିଳାସମୟ ଜୀବନର ସୂତ୍ରପାତ ଘଟିଲା । କ୍ୟାଥେରିନ୍ ଶାରୀରିକ ଓ ମାନସିକ ତୃଷ୍ଣା ମେଣ୍ଟାଇବା ପାଇଁ ଯାହା ଉଚିତ ମନେକଲେ ତାହା କଲେ । ଯୌବନର ବିଳାସରେ ସମସ୍ତ ଭସାଇବାରେ ଲାଗିଲେ । ୧୭୫୪ ମସିହାରେ କ୍ୟାଥେରିନ୍ ଗୋଟିଏ ପୁତ୍ର ଏବଂ ଚାରି ବର୍ଷ ପରେ ଗୋଟିଏ କନ୍ୟାର ଜନ୍ମ ଦେଲେ । ଦୁଇଟି ଶିଶୁ ମଧ୍ୟରୁ କୌଣସି ପିଟରଙ୍କ ଔରସରୁ ଜାତ ନୁହେଁ ବୋଲି ଗୁଜବ ହୋଇଥିଲା । ରାଣୀ ଏଲିଜାବେଥ୍ ସେଥିପାଇଁ ଶିଶୁ ଦୁଇଟିକୁ ନେଇ ଲାଳନପାଳନ ପାଇଁ ନିଜ ତତ୍ତ୍ୱାବଧାନରେ ରଖିଲେ ଏବଂ କ୍ୟାଥେରିନ୍‌ଙ୍କୁ ତାଙ୍କ ପ୍ରେମିକମାନଙ୍କ ସହଣରେ ଛାଡ଼ିଦେଲେ ।

ପିଟର୍ ଓ ରାଣୀସାହେବା ଉଭୟଙ୍କ ହାତ କ୍ୟାଥେରିନ୍ ବହୁ କାଳ କଣ୍ଠିତା ହୋଇଥିଲେ । କିନ୍ତୁ ସେହି ଦୁଃସମୟ ଧୈର୍ଯ୍ୟ

Digitized by srujanika@gmail.com

ସ୍ଥାୟୀ ହୋଇ ନ ଥିଲା । ୧୭୬୨ ଜାନୁଆରୀ ମାସରେ ଏଲିଜାବେଥ୍‌ଙ୍କର ଦେହାନ୍ତ ହେଲା ଏବଂ ପିଟର୍ ରୁଷର ଜାର୍ ହେଲେ । ସେ ରୁଷ ମାଟିରେ ଜନ୍ମ ହୋଇଥିଲେ ହେଁ ତାଙ୍କର ଜର୍ମାନ ପ୍ରୀତି ପ୍ରବଳ ଥିଲା । ଜର୍ମାନ ନାମ ଶ୍ରବଣ ମାତ୍ରେ ତାଙ୍କର ରୋମାଞ୍ଚ ଘଟୁଥିଲା । ସେ ସେନାବାହିନୀ, ପୋଷାକପତ୍ର, ଜୀବନର ଭଙ୍ଗୀ ସବୁକିଛୁ ଜର୍ମାନ ଢାଞ୍ଚାରେ ଗଢ଼ିବାରେ ଲାଗିଲେ ଏବଂ ଜର୍ମାନ ଶାସକ ଫ୍ରେଡ଼ରିକଙ୍କୁ ନିଜର ଆଦର୍ଶ ବୋଲି ମାନିଲେ ।

ଅନ୍ୟ ପକ୍ଷରେ ତାଙ୍କ ପତ୍ନୀ କ୍ୟାଥେରିନ୍ ଜର୍ମାନ ମହିଳା ହେଲେ ହେଁ ସମ୍ପୂର୍ଣ୍ଣ ରୁଷପ୍ରେମୀ ପାଲଟି ଯାଇଥିଲେ । ରୁଷୀୟ ପ୍ରୀତିରେ ତାଙ୍କର ରକ୍ତ ଉତ୍ତେଜିତ ହୋଇ ପଡ଼ୁଥିଲା । ଏହି ଆଦର୍ଶଗତ ବୈଷମ୍ୟ ଦୁହିଁଙ୍କୁ ପରସ୍ପର ଠାରୁ ଅଧିକ ଦୂରେଇ ଦେଲା । ରୁଷର ପ୍ରଜାବୃନ୍ଦ ପିଟରଙ୍କ ଅପେକ୍ଷା କ୍ୟାଥେରିନ୍‌ଙ୍କୁ ଅଧିକ ଭକ୍ତି କରିବାକୁ ଲାଗିଲେ । କ୍ରମଶଃ ସେମାନେ ପିଟରଙ୍କୁ ଘୃଣା କରିବାକୁ ଲାଗିଲେ । ଇତ୍ୟବସରରେ, ୧୭୬୨ ମସିହା ମଇ ୨୨ ତାରିଖ ଦିନ ପିଟର କ୍ୟାଥେରିନ୍‌ଙ୍କୁ ପରିତ୍ୟାଗ କରି-ଦେବାକୁ ଯାଇ ଏଲିଜାବେଥ ଭରନ୍ତୋଭଙ୍କୁ ନେଇ ପିଟରସ୍‌ବର୍ଗ ଛାଡ଼ି ଓରାନିଏନ୍‌ବମ୍ ଚାଲିଗଲେ । ସେ ରାଜଧାନୀ ବାହାରକୁ ଚାଲିଗଲା ପରେ କ୍ୟାଥେରିନ୍‌ଙ୍କ ପ୍ରେମିକ ଗ୍ରିଗୋରି ଅର୍ଲୋଭ କ୍ୟାଥେରିନ୍‌ଙ୍କୁ କ୍ଷମତାସୀନା କରିବା ଲାଗି ସାମରିକ ବାହିନୀଙ୍କୁ ଆହ୍ୱାନ କଲେ ଏବଂ ସେହି ଦିନ ହିଁ କ୍ୟାଥେରିନ୍ ରୁଷିଆର ସର୍ବମୟୀ କର୍ତ୍ତ୍ରୀ ହେଲେ । ରାଣୀ ସାଜରେ ରାଜକୀୟ ବେଶରେ ସେ ସେନାବାହିନୀ ସମ୍ମୁଖରେ ଉଭା ହେଲେ ଏବଂ ତାଙ୍କୁ ସେନାଧ୍ୟକ୍ଷା ରୂପେ ସ୍ୱୀକୃତି ମିଳିଲା । ସାମ୍ରାଜ୍ଞୀ ହେଲା ପରେ ତାଙ୍କର ସର୍ବପ୍ରଥମ କାର୍ଯ୍ୟ ଥିଲା ପିଟରଙ୍କୁ ଗିରଫ କରି କାରାରୁଦ୍ଧ କରିବା । କିଛିଦିନ

Digitized by srujanika@gmail.com

ପରେ କାଗଜପତ୍ରରେ ପିଟରଙ୍କ ନାମ ଦେଖାଇଥିଲେ ଏବଂ ତାଙ୍କ ମୃତ୍ୟୁ ଷଡ଼ଯନ୍ତ୍ରରୁ ହୋଇଥିଲା ବୋଲି ପ୍ରଚାରିତ ହୋଇଥିଲା । ଏହା ପରେ କ୍ୟାଥେରିନ୍ ନିରଙ୍କୁଶ ଭାବରେ ରୁଷ-ନିର୍ମାଣରେ ଲାଗି ପଡ଼ିଥିଲେ ।

ଆଭ୍ୟନ୍ତରୀଣ ସଂସ୍କାର, ବୈଦେଶିକ ନୀତି, ସାଂସ୍କୃତିକ ପ୍ରଗତି, ରାଜ୍ୟ ବିସ୍ତାର ତଥା ଶାସନ ପରିଚାଳନା ପ୍ରତ୍ୟେକ କ୍ଷେତ୍ରରେ କ୍ୟାଥେରିନ୍ ନିଜର ସୁନାମ ପ୍ରତିଷ୍ଠା କରି ପାରିଥିଲେ । ମଣ୍ଟେସକ୍ୟୁ ଓ ବେକାରିଆଙ୍କ ଆଦର୍ଶରେ କର୍ମଚାରୀମାନଙ୍କର ଉନ୍ନତି ପାଇଁ ସେ ୧୭୬୭ ମସିହାରେ ତାଙ୍କର 'ନାକାଜ୍' ('Instruction') ପ୍ରକାଶ କରିଥିଲେ । ୧୭୬୮ ରେ ସେ ତୁର୍କୀ ଯୁଦ୍ଧରେ ଅଂଶ ଗ୍ରହଣ କରି ରୁଷିଆ ପାଇଁ ବିଜୟ ଗୌରବ ଆଣିଥିଲେ । ୧୭୭୨ର ପୋଲାଣ୍ଡ ବିଭାଜନ ଓ ୧୭୮୭ର ଦ୍ୱିତୀୟ ତୁର୍କୀ-ଯୁଦ୍ଧ ମଧ୍ୟ କ୍ୟାଥେରିନ୍ଙ୍କ ପାଇଁ ରାଜ୍ୟବିସ୍ତାର ଲାଗି ସୁଯୋଗ ଆଣି ଦେଇଥିଲା ।

ଏହା ବ୍ୟତୀତ, ୧୭୭୩ ମସିହାରେ ଉପୁଜିଥିବା କୃଷକ ଆନ୍ଦୋଳନକୁ ଦମନ କରିବା ଦିଗରେ ମଧ୍ୟ ତାଙ୍କର କୃତିତ୍ୱ ସ୍ମରଣୀୟ । ପ୍ରାଦେଶିକ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ପ୍ରବର୍ତ୍ତନ ଓ ଆଞ୍ଚଳିକ ଶାସନ ଏବଂ ବିଧିବଦ୍ଧ ନ୍ୟାୟସଂସ୍କାର ବିକାଶ ତାଙ୍କର ଅନନ୍ୟତମ ଅବଦାନ । ଫରାସୀ ବିପ୍ଳବ ତାଙ୍କ ମନରେ ପ୍ରତିକ୍ରିୟା ସୃଷ୍ଟି ନ କରିଥିଲେ ସେ ବୋଧହୁଏ ଗଣତନ୍ତ୍ର ଭାବଧାରାର ପ୍ରବର୍ତ୍ତିକା ରୂପେ ପୂଜ୍ୟା ହୋଇଥାନ୍ତେ । ଫରାସୀ ବିପ୍ଳବ ତାଙ୍କୁ ଏକଛତ୍ରବାଦ ଆଡ଼କୁ ଟାଣିନେଇଥିଲା ।

ଯେ ଯାହାହେଉ, କ୍ୟାଥେରିନ୍ଙ୍କର ସାହିତ୍ୟ-ସ୍ପୃହା ଓ ସାଂସ୍କୃତିକ ଚେତନା ଅତ୍ୟନ୍ତ ପ୍ରଶଂସନୀୟ । ଭୋଲଟେୟାର,

Digitized by srujanika@gmail.com

ଡ଼େଡ଼େରଟ୍‌, ବ'ଫନ୍‌, ବ୍ଲାକ୍‌ଷ୍ଟୋନ୍‌ ପ୍ରମୁଖ ଚିନ୍ତାନାୟକଙ୍କ ଦ୍ୱାରା ସେ ପ୍ରବଳ ଭାବରେ ପ୍ରଭାବିତ ହୋଇଥିଲେ । ସେ ସାହିତ୍ୟ ଓ ଇତିହାସ ପ୍ରତି କେବଳ ଆକୃଷ୍ଟ ହୋଇ ନ ଥିଲେ, ନିଜେ ମଧ୍ୟ ବହୁ ଗଳ୍ପ, କାହାଣୀ ଓ ରୁଷିଆର ଇତିହାସ ଲିପିବଦ୍ଧ କରି ଜଣେ ସୁଲେଖିକା ଭାବରେ ସମ୍ମାନ ଅର୍ଜନ କରିଥିଲେ ।

କ୍ୟାଥେରିନ୍‌ ତାଙ୍କ ଶାସନ କାଳରେ ଶିଥିଳ ନୈତିକତା ପ୍ରବର୍ତ୍ତନ କଲେ ତଥା ବହୁ ପ୍ରଣୟୀଙ୍କର ପ୍ରିୟା ସାଜି ଜୀବନା-ଦର୍ଶର ମାନ ତଳକୁ ଖସାଇ ଦେଲେ ବୋଲି ତାଙ୍କୁ ଅନେକ ସମାଲୋଚନା କରନ୍ତି । ତେବେ, ପରିସ୍ଥିତି ଓ ପରିବେଷଣ ଦୃଷ୍ଟିରୁ ବିଚାର କଲେ ତଦାନୀନ୍ତନ ଜଣେ କ୍ଷମତାଶାଳୀ ସାମ୍ରା-ସାମ୍ରାଜ୍ଞୀ ପକ୍ଷରେ ଜୀବନକୁ ଉପଭୋଗ କରିବା ବିଶେଷ ବିସ୍ମୟର ବିଷୟ ନୁହେଁ । ପୁଣି, ଓରଲଭ, ପଟେମକିନ୍‌, ଜୁବୋଭ୍‌ ପ୍ରମୁଖ ତାଙ୍କର ବହୁ ପ୍ରେମିକ ରହିଥିଲେ ମଧ୍ୟ ଏକ ସମୟରେ ସେ ଏକାଧିକ ପ୍ରେମିକର ପ୍ରିୟା ସାଜି ନ ଥିଲେ । ଜଣେ ପ୍ରେମିକକୁ ପ୍ରତ୍ୟାଖ୍ୟାନ କଲା ପରେ ହିଁ ଅନ୍ୟ ପ୍ରେମିକ ପ୍ରତି ଆସକ୍ତ ହେଉଥିଲେ । ଏହା ମଧ୍ୟ ଉଲ୍ଲେଖ ଯୋଗ୍ୟ ଯେ ନାନା ପ୍ରବୋଚନା ସତ୍ତ୍ୱେ ସେ ତାଙ୍କର କୌଣସି ପ୍ରେମିକ ସହିତ ବିବାହ ବନ୍ଧନରେ ଆବଦ୍ଧ ହୋଇ ନଥିଲେ । ସର୍ବୋପରି, ରାଜନୀତି ତଥା ଶାସନ ପରିଚାଳନା କ୍ଷେତ୍ରରେ ହସ୍ତକ୍ଷେପ କରିବା ପାଇଁ କୌଣସି ପ୍ରେମିକକୁ ପ୍ରଶ୍ରୟ ଦେଇ ନଥିଲେ ।

ଏହା ବ୍ୟତୀତ, କ୍ୟାଥେରିନ୍‌ଙ୍କର ମାତୃସ୍ନେହ ଓ ନାରୀ ହୃଦୟର ମମତା ଓ କୋମଳତା ମଧ୍ୟ ବିଶେଷ ଉଲ୍ଲେଖନୀୟ । ସେ ତାଙ୍କର ପୌତ୍ର ପୌତ୍ରୀଙ୍କ ଭବିଷ୍ୟତ ପାଇଁ ଖୁବ୍‌ ଚିନ୍ତିତା ଥିଲେ ।

Digitized by srujanika@gmail.com

ତାଙ୍କ ପ୍ରେମିକୀ ଆଲେକ୍‌ଜାଣ୍ଡ୍ରିନା ଓ ସ୍ୱିଡ଼େନ୍‌ର ରାଜା ଗୁସ୍ତାଭସ୍‌ ଏଡ଼ୋଲ୍‌ଫସ୍‌ଙ୍କ ମଧ୍ୟରେ ବିବାହ ପ୍ରସ୍ତାବ ଭାଙ୍ଗିଯିବା ଆଶଙ୍କାରେ ନିତାନ୍ତ ଭାଙ୍ଗି ପଡ଼ିଥିଲେ । ସେହି ଧକ୍‌କା ତାଙ୍କ ପାଇଁ ସାଂଘାତିକ ହୋଇ ଉଠିଥିଲା ଏବଂ ତା ଫଳରେ ସେ ୧୭୯୬ ନଭେମ୍ବର ୧୦ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଏକଛତ୍ରବାଦିନୀ ସାମ୍ରାଜ୍ଞୀ ହେଲେ ମଧ ତାଙ୍କର ତ୍ୟାଗ, ଦେଶାତ୍ମବୋଧ, ରୁଷୀୟ ମମତା ଓ ପ୍ରଶାସନିକ ଅବଦାନ ପାଇଁ ତାଙ୍କ ତିରୋଧାନରେ ସମଗ୍ର ରୁଷବାସୀ ଶୋକ ବିହ୍ୱଳିତ ହୋଇ ଉଠିଥିଲେ । ରୁଷିଆର ସମସ୍ତ ପୂରୁଷ ଶାସକଙ୍କ ଅପେକ୍ଷା ସେ ଥିଲେ ସର୍ବୋତ୍ତମା ।

—o—

Digitized by srujanika@gmail.com

॥ ତନ ॥

# ସମୃଦ୍ଧିଶାଳୀ ଇଂଲଣ୍ଡର ଯୁଗଜନନୀ

# ମହାରାଣୀ ଭିକ୍ଟୋରିଆ

[ ୧୮୧୯-୧୯୦୧ ]

ରାଣୀ ଏଲିଜାବେଥ୍ ଆଧୁନିକ ବ୍ରିଟିଶ ଇତିହାସରେ ପ୍ରଥମ ନାରୀ ଶାସନକର୍ତ୍ତ୍ରୀ ଥିଲେ ଏବଂ ତାର ତିନି ଶତାବ୍ଦୀ ପରେ ସିଂହାସନ ଆରୋହଣ କରି ଇଂଲଣ୍ଡରାଣୀ ଓ ଭାରତ ସାମ୍ରାଜ୍ଞୀ ମହାରାଣୀ ଭିକ୍ଟୋରିଆ ଦୀର୍ଘ ଚଉଷଠୀ ବର୍ଷ ରାଜତ୍ୱ କରି ବ୍ରିଟିଶ ଇତିହାସରେ ଏକ ନୂତନ ରେକର୍ଡ଼ ସୃଷ୍ଟି କରିଗଲେ । ତାଙ୍କ ନାମାନୁସାରେ ତାଙ୍କ ଶାସନକାଳକୁ ଐତିହାସିକମାନେ "ଭିକ୍ଟୋରିଆ ଯୁଗ" ନାମରେ ଅଭିହିତ କରିଛନ୍ତି । ସେ କେବଳ ଜଣେ ମହାରାଣୀ ନ ଥିଲେ, ଥିଲେ ଜଣେ ଯୁଗଜନନୀ । ତାଙ୍କ ରାଜତ୍ୱରେ ଇଂଲଣ୍ଡ ବିଶେଷ ସମୃଦ୍ଧିଶାଳୀ ଥିଲା ଏବଂ ଅପୂର୍ବ ଗୌରବର ଅଧିକାରୀ ହୋଇଥିଲା ।

ସମ୍ରାଟ ଜର୍ଜ-ତୃତୀୟଙ୍କର ଚତୁର୍ଥ ସନ୍ତାନ କେଣ୍ଟ୍ ଯୁବରାଜ ଏଡ୍‌ୱାର୍ଡ଼ଙ୍କର ଏକମାତ୍ର କନ୍ୟା ଭିକ୍ଟୋରିଆ ବିଶ୍ୱବିଖ୍ୟାତ ଓ୍ୱାଟର୍‌ଲୁ ସମରର ଚାରି ବର୍ଷ ପରେ ୧୮୧୯ରେ ଭୂମିଷ୍ଠା ହୋଇଥିଲେ । ତାଙ୍କ ଜନ୍ମର ଅଳ୍ପକାଳ ପରେ ପିତା ଏଡ୍‌-

Digitized by srujanika@gmail.com

ଓ୍ୱାର୍ଡ଼ଙ୍କର ପରଲୋକ ହୋଇ ଯାଇଥିଲା ଏବଂ ବହୁ ଦୁଃଖଃଯନ୍ତ୍ରଣା ମଧ୍ୟରେ ତାଙ୍କ ମାତା ଭିକ୍ଟୋରିଆଙ୍କୁ ଲାଳନପାଳନ କରିଥିଲେ; କିନ୍ତୁ ଭିକ୍ଟୋରିଆ କିଛିଟା ବଡ଼ ହେବା ପରେ ଯେତେବେଳେ ଜାଣିଲେ ଯେ ସେ ସିଂହାସନର ଭବିଷ୍ୟତ ଉତ୍ତରାଧିକାରିଣୀ, ନିଜେ ଭଲ ଭାବରେ ରହିବାକୁ ଓ ଭଲ ହେବାକୁ ଚେଷ୍ଟା କଲେ । ସେ ସ୍ୱଗତୋକ୍ତିରେ ଏକାଧିକବାର କହୁଥିଲେ, "ମୁଁ ଭଲ ହେବ ।"

ରାଜକୁମାରୀ ଭିକ୍ଟୋରିଆ ମାତ୍ର ଅଠର ବର୍ଷ ବୟସରେ ୧୮୩୭ ମସିହାରେ ବ୍ରିଟିଶ ସିଂହାସନ ଆରୋହଣ କରିଥିଲେ । ସେ ନିଜକୁ ଉଦାରପନ୍ଥୀ ରାଣୀ ବୋଲି ଦାବୀ କରୁଥିଲେ ମଧ୍ୟ ଗଣତନ୍ତ୍ରବାଦୀ ନ ଥିଲେ ଏବଂ କହୁଥିଲେ ଯେ ସେ କେବେହେଲେ ଏକ ଗଣତାନ୍ତ୍ରିକ ରାଜତନ୍ତ୍ରର ରାଣୀ ହେବେ ନାହିଁ । ଏପରି କି, ରାଣୀପଦରେ ଅଭିଷିକ୍ତା ହେବା ପରେ ସେ ନିଜର ସମ୍ମାନ ବଜାୟ ରଖିବାକୁ ଯାଇ ତାଙ୍କ ମାତାଙ୍କ କକ୍ଷରୁ ଅଲଗା ହୋଇ ଯାଇଥିଲେ ଏବଂ ନିଜେ ଏକ ମନୋରମ ସ୍ୱତନ୍ତ୍ର ସୁସଜ୍ଜିତ ଶୟନକକ୍ଷ ବ୍ୟବହାର କରୁଥିଲେ ।

ମହାରାଣୀ ଭିକ୍ଟୋରିଆ ୧୮୪୦ରେ ସାକ୍ସେକୋବର୍ଗର ଆଲବେର୍ଟଙ୍କୁ ବିବାହ କରିଥିଲେ । ଆଲବେର୍ଟ ତାଙ୍କୁ ଦଳୀୟ ରାଜନୀତିରେ ପ୍ରବୃତ୍ତ ହୋଇ ଏକ ଅସଫଳନ୍ସ ସାମ୍ବିଧାନିକ ଦାୟିତ୍ୱ ସମ୍ପାଦନ କରିବାକୁ ପ୍ରବର୍ତ୍ତାଇ ଥିଲେ । ତାଙ୍କ ପ୍ରରୋଚନାରେ ଭିକ୍ଟୋରିଆ ଆଂଶିକ ସଫଳତାର ସହିତ ସେହି ମତ ପ୍ରବର୍ତ୍ତନ କରିଥିଲେ ଏବଂ ବିଭିନ୍ନ ଦଳଗତ ଦଳାଦଳିର ସମାଧାନ କରିବା ପାଇଁ ଚେଷ୍ଟିତା ଥିଲେ । ସେ ସକ୍ରିୟ ରାଜନୀତିରେ ବିଶିଷ୍ଟ ଭୂମିକା

Digitized by srujanika@gmail.com

ନେଇ ନ ଥିଲେ ମଧ୍ୟ ବିଭିନ୍ନ ବୈଦେଶିକ ଓ ଆଭ୍ୟନ୍ତରୀଣ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଏବଂ ସେଥିରେ ଧୈର୍ଯ୍ୟଚ୍ୟୁତ ହୋଇ ନ ଥିଲେ । ବିଭିନ୍ନ ଉପନିବେଶମାନଙ୍କରେ ସ୍ୱାୟତ୍ତଶାସନ ବ୍ୟବସ୍ଥାର ପ୍ରବର୍ତ୍ତନ ଓ ବିଖ୍ୟାତ ଶିଳ୍ପ ବିପ୍ଳବର ପ୍ରସାର ଭିକ୍ଟୋରିଆ ଯୁଗର ଶ୍ରେଷ୍ଠ ଅବଦାନ ବୋଲି କୁହାଯାଇପାରେ ।

ଅନ୍ୟ ପକ୍ଷରେ, ଭିକ୍ଟୋରିଆଙ୍କ ପତି ଆଲବର୍ଟ ମଧ୍ୟ ସ୍ଥଳବିଶେଷରେ ତାଙ୍କ କାର୍ଯ୍ୟକଳାପରେ ହସ୍ତକ୍ଷେପ କରି ରାଜନୀତିରେ ଉଲ୍ଲେଖଯୋଗ୍ୟ ପ୍ରଭାବ ପକାଉଥିଲେ ଏବଂ ବ୍ରିଟିଶ ଶାସନକ୍ଷେତ୍ରରେ ସେ ଯଥେଷ୍ଟ ସମ୍ମାନ ଅର୍ଜନ କରିଥିଲେ । ଏଭଳି ଏକବିଂଶ ବର୍ଷ ଅତିବାହିତ ହେବା ପରେ ୧୮୬୧ରେ ଆଲବର୍ଟ ହଠାତ୍ ଟାଇଫଏଡ୍ ରୋଗରେ ଆକ୍ରାନ୍ତ ହେଲେ ଏବଂ ସେଥିରେ ତାଙ୍କର ପ୍ରାଣବାୟୁ ଉଡ଼ିଗଲା । ସେହି ଦାରୁଣ ଘଟଣାରେ ମର୍ମାହତା ହୋଇ ଭିକ୍ଟୋରିଆ ବହୁ ବର୍ଷ ଲାଗି ଆଉ ଶାସନକ୍ଷେତ୍ରରେ ସକ୍ରିୟ ଅଂଶଗ୍ରହଣ କରି ନ ଥିଲେ ।

ରାଣୀ ଭିକ୍ଟୋରିଆ ପ୍ରଧାନମନ୍ତ୍ରୀ ଡିଜ୍ରାଏଲିଙ୍କ ପ୍ରଶଂସା ଓ ପ୍ରୋତ୍ସାହନରେ ପ୍ରତାରିତା ହୋଇ ପନ୍ଦର ବର୍ଷ ପରେ ପାର୍ଲାମେଣ୍ଟ ଉନ୍ମୋଚନ କରିବା ଲାଗି ଆଗଭର ହୋଇଥିଲେ ଏବଂ ୧୮୭୭ ମସିହା ଜାନୁୟାରୀ ପହିଲା ଠାରୁ ସେ ଭାରତର ସାମ୍ରାଜ୍ଞୀ ମଧ୍ୟ ବୋଲାଇଥିଲେ । ଡିଜ୍ରାଏଲି ଭିକ୍ଟୋରିଆଙ୍କର ସ୍ନେହ ଓ ବିଶ୍ୱାସର ପାତ୍ର ଥିଲେ; କିନ୍ତୁ ତାଙ୍କର ଆୟାର୍ଲାଣ୍ଡ ନୀତି ପରେ ତାଙ୍କ ସହ ମନୋମାଳିନ୍ୟ ଘଟିଥିଲା । ତା ପରେ ଭିକ୍ଟୋରିଆ ଉଦାରପନ୍ଥୀମାନଙ୍କୁ ପ୍ରଧାନମନ୍ତ୍ରୀ ନ କରାଇଦେବା ପାଇଁ ଚେଷ୍ଟା କରିଥିଲେ । ଅବଶ୍ୟ ତାଙ୍କର ସେହି ଚେଷ୍ଟା ସଫଳ ହୋଇ ନ ଥିଲା ।

Digitized by srujanika@gmail.com

ରାଣୀ ଭିକ୍ଟୋରିଆ ପରିଣତ ବୟସରେ ବିଶେଷ ସମ୍ମାନର ପାତ୍ରୀ ହୋଇଥିଲେ । ତାଙ୍କର ସ୍ଥଳଚର୍ମା ଓ ଚଳିତ ଦନ୍ତହୀନ-ବିଶିଷ୍ଟ ପ୍ରବୃଦ୍ଧ ଶରୀର ସମ୍ମାନ ଓ ରାଜକୀୟ ମହିମାମୟତାର ପ୍ରତୀକ ବନିଗଲା । ସେ ୧୮୮୭ରେ ତାଙ୍କ ରାଜତ୍ୱର ସୁବର୍ଣ୍ଣ-ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳନ କରିଥିଲେ ଏବଂ ତାର ଦଶ ବର୍ଷ ପରେ ଅନୁରୂପ ଆଡ଼ମ୍ବରରେ ତାର ହୀରକ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା । ଏହି ଉତ୍ସବ ପାଳିତ ହେବାର ମାତ୍ର ଚାରି ବର୍ଷ ପରେ ୧୯୦୧ ଜାନୁୟାରି ୨୨ ତାରିଖରେ ୮୨ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା ।

ଭିକ୍ଟୋରିଆ ମହାରାଣୀ ହିସାବରେ ଯଥେଷ୍ଟ ସମ୍ମାନ ଅର୍ଜନ କରିଥିଲେ ସତ, କିନ୍ତୁ ତାଙ୍କର ପ୍ରଶାସନିକ ଯୋଗ୍ୟତା ବିଶେଷ କିଛି ନ ଥିଲା । ବାସ୍ତବରେ ସେ ତାଙ୍କ ସାମ୍ରାଜ୍ୟ ବିଷୟରେ କିଛି ଜାଣି ନ ଥିଲେ । ଏପରି କି, କେବେ ସେ ତାଙ୍କ ସାମ୍ରାଜ୍ୟ ପରିଦର୍ଶନରେ ଯାଇ ନ ଥିଲେ । ସେ ତାଙ୍କର ମନ୍ତ୍ରୀ ଓ ପ୍ରଧାନ-ମନ୍ତ୍ରୀଙ୍କର ବିଳାସବ୍ୟସନ ଓ ଇନ୍ଦ୍ରିୟାସକ୍ତ ଜୀବନକୁ ଅପସନ୍ଦ କରୁ ନ ଥିଲେ । କାମବିହ୍ୱଳା ତରୁଣୀମାନଙ୍କ ଭଳି ମହାରାଣୀ ଭିକ୍ଟୋରିଆ ମଧ୍ୟ ତାଙ୍କର ସନ୍ତାନସନ୍ତତିମାନଙ୍କୁ ବୈବାହିକ ଜୀବନର ଆଶୀର୍ବାଦ ବୋଲି ଭାବୁ ନ ଥିଲେ । ତାଙ୍କ ମତରେ ସେମାନେ ସବୁ ଅବାଞ୍ଛିତ, ଅନାକାଙ୍କ୍ଷିତ ।

ସଂକ୍ଷେପରେ କହିବାକୁ ଗଲେ, ରାଣୀ ଭିକ୍ଟୋରିଆଙ୍କର ଚରିତ୍ର, ଆଚରଣ ଓ ଚେହେରା ଯେତିକି ଇଂରେଜ ନ ଥିଲା, ସେତିକି ଜର୍ମାନ ଥିଲା । ଅବଶ୍ୟ, ଏଥିପାଇଁ ଭିକ୍ଟୋରିଆଙ୍କ ଉପରେ ସମ୍ପୂର୍ଣ୍ଣ ଦୋଷାରୋପ କରାଯାଇ ନ ପାରେ । କାରଣ ତତ୍କାଳୀନ

Digitized by srujanika@gmail.com

ଇଂଲଣ୍ଡର ଅବସ୍ଥା ଯାହା ଥିଲା ଏବଂ ତାର ପ୍ରଭାବ ଭିକ୍ଟୋରିଆଙ୍କ ଉପରେ ପଡ଼ିଥିଲା ।

ରାଣୀ ଭିକ୍ଟୋରିଆଙ୍କ ଶାସନକାଳରେ ଇଂଲଣ୍ଡର ସାମାଜିକ ଅବସ୍ଥା ସମ୍ପର୍କରେ ମତ ଦେଇ ଏଡ୍‌ୱାର୍ଡ଼ କାର୍ପେଣ୍ଟର ଯଥାର୍ଥରେ ଉଲ୍ଲେଖ କରିଛନ୍ତି—

"…A period in which not only commercialism in public life, but cant in religion, pure materialism in Science, futility in human heart, the denial of the human body and its needs, the huddling concealment of the body in clothes, the 'impure hush' on matters of sex, class division, contempt of mauual labour, and the cruel barring of women from every natural nd useful expression of their lives, were carried to an extremity of folly."

ଅର୍ଥାତ୍ "ଏ ଯୁଗରେ ଜନଜୀବନରେ କେବଳ ବାଣିଜ୍ୟ ପ୍ରାଧାନ୍ୟ ଲାଭ କରି ନ ଥିଲା, ତା ସଙ୍ଗେ ସଙ୍ଗେ ଧର୍ମରେ କପଟତା, ବିଜ୍ଞାନରେ ଖାଣ୍ଟି ବିଷୟବାଦ, ମାନବ ହୃଦୟରେ ବୈଫଲ୍ୟ, ଶାରୀରିକ ଆବଶ୍ୟକତାର ଅସ୍ୱୀକୃତି, ପରିଧାନ ଦ୍ୱାରା ଶରୀରର ଆଚ୍ଛାଦନ, ଯୌନ-ସମ୍ପର୍କ ସମ୍ବନ୍ଧରେ ଅପବିତ୍ର ନୀରବତା, ଶ୍ରେଣୀ-ବିଭେଦ, ଶାରୀରିକ ଶ୍ରମ ପ୍ରତି ଘୃଣା, ନାରୀ ଜୀବନର ପ୍ରାକୃତିକ ଓ ଉପଯୁକ୍ତ ପରିପ୍ରକାଶର ନିର୍ମମ ପ୍ରତିରୋଧ ନିର୍ବୋଧତାର ଏକ ଚରମ ସୀମାରେ ପହଞ୍ଚିଥିଲା ।"

ଭିକ୍ଟୋରିଆ ଥିଲେ ଏହି ଯୁଗର ସନ୍ତାନ । ଯୁଗଧର୍ମର ପ୍ରଭାବ ଅବଶ୍ୟମ୍ଭାବୀ । ତଥାପି, ପରିହାଣକ୍ଷମ ଉଦାର ଧର୍ମବାଦ

Digitized by srujanika@gmail.com

(Evangelicalism) ଥିଲା ତାଙ୍କ ସମୟର ସାମାଜିକ ଜୀବନର ନୈତିକ ଯୋଗସୂତ୍ର । ସମାଲୋଚକ ଏନ୍‌ଟର୍‌ଙ୍କ ଭାଷାରେ ପ୍ରକାଶ କଲେ, ନିତାନ୍ତ ଅସଭ୍ୟ ଦେଶଗୁଡ଼ିକ ତୁଳନାରେ ଉନ୍ନତ ସଭ୍ୟତା ସମ୍ପନ୍ନ ଦେଶମାନଙ୍କର ଅବସ୍ଥା ବିଚାର କଲେ ଭିକ୍ଟୋରିଆ ଯୁଗୀୟ ଇଂଲଣ୍ଡ ଯେ ସମଗ୍ର ପୃଥିବୀରେ ଏକ ଶ୍ରେଷ୍ଠ ଧର୍ମପରାୟଣ ଦେଶ ଥିଲା ଏହା କିଏ ଅସ୍ୱୀକାର କରିବ ?''

ସେ ଯାହାହେଉ, ୧୮୩୭ ଠାରୁ ୧୯୦୦ ମସିହା ପର୍ଯ୍ୟନ୍ତ ପରିବ୍ୟାପ୍ତ ଇତିହାସ ପ୍ରସିଦ୍ଧ 'ଭିକ୍ଟୋରିଆ ଯୁଗ'ର ଲକ୍ଷଣୀୟ ବିଭବ ହେଉଛି "ରାଜନୀତିରେ ଉଦାରବାଦର ଅଭ୍ୟୁଦୟ, ଅର୍ଥ-ନୈତିକ କ୍ଷେତ୍ରରେ ବାଣିଜ୍ୟ-ବ୍ୟବସାୟର ଅଭିବୃଦ୍ଧି, ଶିଳ୍ପ-ବିକାଶରେ ଶ୍ରମର ପ୍ରାଧାନ୍ୟ ପ୍ରତିଷ୍ଠା, ସାମାଜିକ ଜୀବନରେ ସହଯୋଗ, ସ୍ୱାଧୀନ ଭାବ, ଆତ୍ମସମ୍ମାନବୋଧ ଓ ବ୍ୟକ୍ତିଗତ ଚିନ୍ତାଧାରାର ପ୍ରକାଶ ଏବଂ ବାସ୍ତବଧର୍ମୀ ସାହିତ୍ୟ ଓ ଶିକ୍ଷାର ପରିପ୍ରସାର ।'' *ଏହି ନୂତନତା ମୂଳରେ ନିହିତ ଭିକ୍ଟୋରିଆଙ୍କର ଅବଦାନ ଇତିହାସରେ କଦାପି ନଗଣ୍ୟ ହୋଇ ନ ପାରେ ।

---

* 'ଯୁଗାଗ୍ରଣୀ ରାଜାଜୀ' ପୁସ୍ତକର ପୃ-୧୨ ଦ୍ରଷ୍ଟବ୍ୟ ।

Digitized by srujanika@gmail.com

॥ ୩୭ ॥

## ସ୍ୱାଧୀନ ଭାରତର ପ୍ରଥମ ନାରୀ-ମନ୍ତ୍ରୀ

# ରାଜକୁମାରୀ ଅମୃତ କାଉର

[ ୧୮୮୯-୧୯୬୪ ]

ମହାତ୍ମାଗାନ୍ଧୀଙ୍କର ପଟ୍ଟଶିଷ୍ୟା, ସ୍ୱାଧୀନତା ସଂଗ୍ରାମରେ ଅନ୍ୟତମା ସୈନିକା, ଜାତୀୟ ଶିକ୍ଷାକ୍ଷେତ୍ରର ସଂସ୍କାର-ପ୍ରବର୍ତ୍ତିକା ତଥା ରେଡ଼କ୍ରସ ସମିତିର ପରାମର୍ଶଦାତ୍ରୀ ରାଜକୁମାରୀ ଅମୃତ କାଉର ବହୁଭିନ୍ନ କର୍ମକ୍ଷେତ୍ରରେ ଆତ୍ମନିୟୋଗ କରି ଭାରତୀୟ ଜୀବନର ଉନ୍ନତି ବିଧାନରେ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଛାତ୍ରୀ ସମୟରୁ ନେତ୍ରୀ ହେବା ପର୍ଯ୍ୟନ୍ତ ଜୀବନର ପ୍ରତ୍ୟେକ ସ୍ତରରେ କ୍ରୀଡ଼ା, ସଙ୍ଗୀତ, ସମାଜ ସେବା ତଥା ଶାସନ ଓ ରାଜନୀତି କ୍ଷେତ୍ରରେ ତାଙ୍କର ଅବଦାନ ରହିଥିଲା । ରାଜକୁମାରୀ କାଉର୍ ଥିଲେ 'ପାଶ୍ଚାତ୍ୟ ଶିକ୍ଷାଲୋକରେ ଉଦ୍‌ଭାସିତ ଭାରତୀୟ ସାଂସ୍କୃତିକ ଶ୍ରେଷ୍ଠତ୍ୱର ପ୍ରତୀକ ।'

ଅମୃତ କପୂରତାଲା ରାଜପରିବାରରେ ୧୮୮୯ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ସାତୋଟି ସନ୍ତାନ ବିଶିଷ୍ଟ ପରିବାରର ମାତ୍ର ଅଲଅଲି କନ୍ୟା ରୂପେ ସେ ବାଲ୍ୟଜୀବନ ଖୁବ୍ ଆନନ୍ଦ ଉଲ୍ଲାସ ମଧ୍ୟରେ ଅତିବାହିତ କରିଥିଲେ । ଅମୃତଙ୍କ ପିତା ଥିଲେ

Digitized by srujanika@gmail.com

ସେହି ରାଜବଂଶର ପ୍ରଥମ ଖ୍ରୀଷ୍ଟଧର୍ମାବଲମ୍ବୀ ବ୍ୟକ୍ତି । ମାନବ-ସେବା ତଥା ସାମାଜିକ ନ୍ୟାୟ ପ୍ରତି ଅନୁରକ୍ତି ହିଁ ତାଙ୍କୁ ଖ୍ରୀଷ୍ଟଧର୍ମ ପ୍ରତି ଆକୃଷ୍ଟ କରାଇଥିଲା । ଅମୃତଙ୍କ ସାତ ଜଣ ଭ୍ରାତା ସମସ୍ତେ ସାଧାରଣ ଜୀବନରେ ପ୍ରତିଷ୍ଠିତ ଓ ସୁନାମ ଅର୍ଜନ କରିଥିଲେ । ଦେଶ ମାତୃକାର ସେବା କ୍ଷେତ୍ରରେ ସମସ୍ତଙ୍କର ଅବଦାନ ରହିଥିଲା ।

ରାଜକୁମାରୀ ଅମୃତ କାଉର ପ୍ରାଥମିକ ଶିକ୍ଷା ଶେଷ କଲା ପରେ ଉଚ୍ଚ ଶିକ୍ଷା ପାଇଁ ବିଲାତ ଯାଇଥିଲେ ଏବଂ ଡର୍ସେଟର ଶେରବର୍ଣ୍ଣ ବାଳିକା ବିଦ୍ୟାଳୟରେ ଶିକ୍ଷା ଲାଭ କରିଥିଲେ । ସେଠାରେ ଅଧ୍ୟୟନ କାଳରେ ରାଜକୁମାରୀ କାଉର୍ ସ୍କୁଲର ଛାତ୍ରୀମାନଙ୍କ ମଧ୍ୟରେ ମୁଖ୍ୟ ନେତ୍ରୀ ରୂପେ ବିବେଚିତା ହୋଇଥିଲେ । କେବଳ ସେତିକି ନୁହେଁ, କ୍ରୀଡ଼ା ଜଗତରେ ଅସାମାନ୍ୟ କୃତିତ୍ୱ ଅର୍ଜନ କରିବା ଫଳରେ ସେ ବହୁ ପଦକ ପୁରସ୍କାର, କପ୍ ଓ ପ୍ରମାଣପତ୍ର ପାଇଥିଲେ ଏବଂ ସେହି ସମୟରେ ବିଦ୍ୟାଳୟର ଟେନିସ, ହକି ଓ କ୍ରିକେଟ୍ ଖେଳର ଅଧିକ୍ଷା ହୋଇଥିଲେ । ସେ କୌଣସି ଡିଗ୍ରୀ ପରୀକ୍ଷାରେ ବସି ନଥିଲେ ସିନା, ଅକ୍ସଫୋର୍ଡ଼ ଓ ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ଅର୍ଜନ କରିଥିଲେ ଓ ବହୁ ଗବେଷଣାପ୍ରସୂତ ବକ୍ତୃତାବଳୀ ଶୁଣିଥିଲେ । ବିଲାତ ଅବସ୍ଥାନ କାଳରେ କୁମାରୀ କାଉର୍ ସମଗ୍ର ଇଂଲଣ୍ଡ ପରିକ୍ରମା କରିଥିଲେ ।

ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପରେ କୁମାରୀ ଅମୃତ କାଉର୍ ମହାମାନ୍ୟ ମାଳବ୍ୟ, ଗୋପାଳକୃଷ୍ଣ ଗୋଖେଲ ଓ ସାର୍ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ସଂସ୍ପର୍ଶରେ ଆସି ତତ୍କାଳୀନ ଭାରତୀୟ ରାଜନୀତି ତଥା ସ୍ୱାଧୀନତା ସଂଗ୍ରାମ ପ୍ରତି ଆକୃଷ୍ଟ ହୋଇଥିଲେ । ମଦନ ମୋହନ ମାଳବ୍ୟ, ଗୋପାଳକୃଷ୍ଣ ଗୋଖେଲ ଓ ସୁରେନ୍ଦ୍ର ନାଥ ପ୍ରମୁଖ ଦେଶର ପରିସ୍ଥିତି ବିଷୟ ଆଲୋଚନା କରିବା ଲାଗି

Digitized by srujanika@gmail.com

ଅନେକ ସମୟରେ କାଉର୍‌ଙ୍କ ବାସଭବନକୁ ଯାଉଥିଲେ ଏବଂ ରାଜକୁମାରୀ ଅମୃତଙ୍କ ପିତାଙ୍କ ସହିତ ସେମାନେ ଘଣ୍ଟା ଘଣ୍ଟା ଆଲୋଚନା କରୁଥିଲେ । ସେହି ପରିବେଶ ତରଳପ୍ରାଣା ଅମୃତଙ୍କୁ ରାଜନୀତି ପ୍ରତି ଆଗ୍ରହାନ୍ୱିତ କରିବା ଦିଗରେ ସହାୟକ ହୋଇଥିଲା ।

ରାଜକୁମାରୀ ଅମୃତ କାଉର୍ ୧୯୧୯ର ବୋମ୍ବେ କଂଗ୍ରେସ ଅଧିବେଶନରେ ମହାତ୍ମା ଗାନ୍ଧୀଙ୍କ ସଂସ୍ପର୍ଶରେ ଆସିଲେ । ସେହି ଅଧିବେଶନରେ ନେତୃ-ସମାବେଶରେ ସାର୍ ସୁରେନ୍ଦ୍ରନାଥ ବାନାର୍ଜୀ ଅମୃତଙ୍କୁ ନେଇ ମହାତ୍ମା ଗାନ୍ଧୀଙ୍କ ସହିତ "ମୋର ଛୋଟ ରାଜକୁମାରୀ" (My little Princess) ବୋଲି ପରିଚିତ କରାଇଥିଲେ । ଏହି ଘଟଣା କିଶୋରୀ ରାଜକୁମାରୀ ମନରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଥିଲା ଏବଂ ସେ ସେହି ସମୟରୁ ଗାନ୍ଧୀ-ଆନ୍ଦୋଳନ ତଥା ସ୍ୱାଧୀନତା-ସଂଗ୍ରାମ ସହିତ ନିଜକୁ ସାମିଲ କରିଦେବା ଲାଗି ଦୃଢ଼ ପ୍ରତିଜ୍ଞ ହୋଇଥିଲେ ।

ସ୍ୱାଧୀନତା ସଂଗ୍ରାମର ସୈନିକା ରୂପେ ଅସହଯୋଗ ଆନ୍ଦୋଳନ ଓ ବିଦେଶୀ-ପଦାର୍ଥ ବର୍ଜନ ଆନ୍ଦୋଳନରେ ଅଂଶ ଗ୍ରହଣ କରିବାରେ ରାଜକୁମାରୀଙ୍କର କାର୍ଯ୍ୟକ୍ରମ ସୀମିତ ହୋଇ ରହି ନଥିଲା । ସେ ୧୯୩୦ ମସିହାରେ ଜଣେ ଅନ୍ତେବାସିନୀ ଭାବରେ ଗାନ୍ଧୀ-ଆଶ୍ରମରେ ଯୋଗ ଦେଇଥିଲେ ଏବଂ ସେହି ସମୟରୁ ଦୀର୍ଘ ୧୫ ବର୍ଷରୁ ଅଧିକ କାଳ ମହାତ୍ମାଙ୍କର ସେକ୍ରେଟାରୀ ରୂପେ କାର୍ଯ୍ୟ କରିଥିଲେ । ଜାତିର ପିତା ଗାନ୍ଧିଜୀଙ୍କର ସେକ୍ରେଟାରୀ ରୂପେ ରାଜକୁମାରୀ ଅମୃତ କାଉର୍‌ଙ୍କ ନିଷ୍ଠା ଓ ଆନ୍ତରିକତା ଅନନ୍ୟସାଧାରଣ ।

Digitized by srujanika@gmail.com

ଏହି ମଧ୍ୟରେ ରାଜକୁମାରୀ ଅମୃତ କାଉର୍ ବହୁ ବର୍ଷ ଧରି ଜଳନ୍ଧର ନଗରପାଳିକା (ମୁନିସିପାଲ୍ଟି)ର କାଉନସିଲର ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ ଏବଂ ଅନେକ ବର୍ଷ ଧରି ଶିକ୍ଷା ପରାମର୍ଶଦାତା ବୋର୍ଡ଼ର ସଦସ୍ୟା ରହିଥିଲେ । ଶିକ୍ଷା ପରାମର୍ଶ-ଦାତା ବୋର୍ଡ଼ ଏକ ସରକାରୀ ସମର୍ଥିତ ସଂସ୍ଥା ହେବାରୁ ସେଥିରୁ ଇସ୍ତଫା ନେଇ ସେ ୧୯୪୨ର ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦାନ କଲେ ଏବଂ ତା ଫଳରେ ତାଙ୍କୁ ଅନ୍ୟ ଜାତୀୟ ନେତାମାନଙ୍କ ସହିତ କାରାବରଣ କରିବାକୁ ପଡ଼ିଥିଲା । ବନ୍ଦୀ-ଜୀବନରେ ସ୍ୱାସ୍ଥ୍ୟହାନୀ ଘଟିବାରୁ ତାଙ୍କୁ ଶେଷ ଆଡ଼କୁ ୧୯୪୫ ଜୁନ୍ ମାସ ପର୍ଯ୍ୟନ୍ତ ସିମଳସ୍ଥ ତାଙ୍କ ନିଜ ବାସଭବନରେ ଗୃହବନ୍ଦୀ ରୂପେ ରଖାଯାଇଥିଲା । କାରାମୁକ୍ତ ହେବା ପରେ ୧୯୪୫-୪୬ରେ ଜାତିସଙ୍ଘର-ଶିକ୍ଷାବିଜ୍ଞାନ-ସଂସ୍କୃତି (UNESCO) ସଂସ୍ଥାକୁ ଭାରତୀୟ ପ୍ରତିନିଧିଦଳର ଉପନେତ୍ରୀ ରୂପେ ଲଣ୍ଡନ ଓ ପେରିସ୍ ସହରରେ ଯାଇଥିଲେ ।

୧୯୪୭ ମସିହାରେ ଯେତେବେଳେ ପଣ୍ଡିତ ଜବାହରଲାଲ ନେହରୁଙ୍କ ନେତୃତ୍ୱରେ ପ୍ରଥମ କେନ୍ଦ୍ର ମନ୍ତ୍ରିମଣ୍ଡଳ ଗଢ଼ାଗଲା, ସେଥିରେ ରାଜକୁମାରୀ ଅମୃତ କାଉରଙ୍କୁ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ଦିଆଗଲା ଏବଂ ସେ ମହାତ୍ମା ଗାନ୍ଧୀଙ୍କର ପରାମର୍ଶ ଓ ଆଶୀର୍ବାଦ ନେଇ ସେହି ପଦବୀ ଗ୍ରହଣ କରିଥିଲେ । ରାଜକୁମାରୀ କାଉର୍ ୧୯୫୭ ମସିହା ପର୍ଯ୍ୟନ୍ତ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ରୂପେ ଦାୟିତ୍ୱ ସମ୍ପାଦନ କରିଥିଲେ; ଏପରିକି, ୧୯୫୧-୫୨ ମସିହାରେ ପରିବହନ ବିଭାଗର ଅତିରିକ୍ତ ଦାୟିତ୍ୱ ମଧ୍ୟ ସେ ତୁଲାଇ ଥିଲେ । ସେ ଥିଲେ ସ୍ୱାଧୀନୋତ୍ତର ଭାରତୀୟ ଶାସନରେ ପ୍ରଥମ ନାରୀ-ମନ୍ତ୍ରୀ ।

Digitized by srujanika@gmail.com

ଅମୃତ କାଉର୍‌ଙ୍କ ମନ୍ତ୍ରିତ୍ୱ କାଳରେ ମାତୃମଙ୍ଗଳ ଓ ଶିଶୁ କଲ୍ୟାଣ ଦିଗରେ ଅଧିକ ଧ୍ୟାନ ଦିଆଯାଇଥିଲା । ସେ ଜାତିସଂଘ ଆନୁକୂଲ୍ୟରେ ପ୍ରତିଷ୍ଠିତ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ (WHO)ର ବାର୍ଷିକ ଅଧିବେଶନମାନଙ୍କରେ ଗୃହଥର ପର୍ଯ୍ୟନ୍ତ ଯୋଗଦେଇ ତାଙ୍କର ଗଠନମୂଳକ ଚିନ୍ତାଧାରାକୁ ଆନ୍ତର୍ଜାତୀୟ ସ୍ୱୀକୃତି ଦେବାରେ ସମର୍ଥ ହୋଇଥିଲେ । ନିଖିଳ ଭାରତ ଭେଷଜବିଜ୍ଞାନ ପ୍ରତିଷ୍ଠାନ (All India Institute of Medical Science) ସ୍ଥାପନା ତାଙ୍କ କୃତିତ୍ୱର ଏକ ଜ୍ୱଳନ୍ତ ନିଦର୍ଶନ ।

୧୯୫୭ ମସିହାରେ ମନ୍ତ୍ରିତ୍ୱରୁ ଓହରି ଯାଇଥିଲେ ହେଁ ଲୋକସଭା ସଦସ୍ୟା ରୂପେ ସେ ବିଭିନ୍ନ ତର୍କବିତର୍କରେ ଅଂଶ ଗ୍ରହଣ କରି ତାଙ୍କ ମତ ଜାହିର୍ କରୁଥିଲେ । ୧୯୫୭ ମସିହାର ଲୋକସଭା ଅଧିବେଶନରେ ନିଶା ନିବାରଣ ବ୍ୟବସ୍ଥାର ଉଚ୍ଛେଦନ ଲାଗି ସେ ବଳିଷ୍ଠ ଯୁକ୍ତିମାନ ଉପସ୍ଥାପନ କରିଥିଲେ ।

ରାଜକୁମାରୀ ଅମୃତ କାଉର୍ ତାଙ୍କ ଶେଷ ଜୀବନରେ ରାଜନୀତି କ୍ଷେତ୍ରରେ ବିଶେଷ ସକ୍ରିୟତା ପ୍ରଦର୍ଶନ କରି ନ ଥିଲେ ମଧ୍ୟ ସ୍ୱାସ୍ଥ୍ୟ ଓ ସମାଜ-ସେବା ଦିଗରେ ତାଙ୍କର ଅବଦାନ ଅବ୍ୟାହତ ରହିଥିଲା । ରେଡ଼କ୍ରସ ସମିତି ସହିତ ସେ ଦୁଇ ଦଶନ୍ଧିରୁ ଅଧିକ କାଳ ସଶ୍ଳିଷ୍ଟ ରହିଥିଲେ ଏବଂ ୧୯୫୦ ମସିହା-ଠାରୁ ସେଥିର ଅଧ୍ୟକ୍ଷା ହୋଇଥିଲେ । ୧୯୫୦ ମସିହାର ବିଶ୍ୱ-ସ୍ୱାସ୍ଥ୍ୟ ସଭା (World Health Assembly)ରେ ସେ ସଭାନେତ୍ରୀ ମନୋନୀତା ହୋଇଥିଲେ । ପୁଣି, ରେଡ଼କ୍ରସ ସମିତି ଲିଗ୍‌ର ପରିଚାଳନା ବୋର୍ଡ଼ (Board of Governors) ରେ ତାଙ୍କୁ ଉପାଧ୍ୟକ୍ଷା ନିଯୁକ୍ତ କରାଯାଇଥିଲା ।

Digitized by srujanika@gmail.com

କେବଳ ଏତିକି ନୁହେଁ, ସେଣ୍ଟ ଜନ୍ ଆମ୍ବୁଲାନ୍ସ ଏସୋସି-ଏସନ୍ ଭଳି ବହୁ ସେବାସଂସ୍ଥା ସହିତ ସେ ସଂପୃକ୍ତ ରହିଥିଲେ । ୧୯୪୮-୪୯ରେ ନିଖିଳଭାରତ ସମାଜ ସେବା ଶିବିରର ସେ ସଭାନେତ୍ରୀ ହୋଇଥିଲେ । ସଂକ୍ଷେପରେ ପ୍ରକାଶ କଲେ, ମହାତ୍ମା ଗାନ୍ଧୀଙ୍କ ସଂସ୍ପର୍ଶରେ ଆସି ଜୀବନର ପ୍ରଭାତ କାଳରୁ ହିଁ ସେ ଖଦଡ଼ ବସ୍ତ୍ର ପରିଧାନ ଓ ସମାଜ-ସେବା ପ୍ରତି ଆକୃଷ୍ଟ ହୋଇଥିଲେ ।

ରାଜକୁମାରୀ ଅମୃତ କାଉରଙ୍କ ସେବାପରାୟଣତା ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ଯାଇ ଏସିଆ, ୟୁରୋପ ଓ ଆଫ୍ରିକାର ଚଉଦ ଗୋଟି ଦେଶର ରେଡ୍‌କ୍ରସ ସମିତିମାନଙ୍କ ପକ୍ଷରୁ ତାଙ୍କୁ ସ୍ୱର୍ଣ୍ଣପଦକ ଅର୍ପଣ କରାଯାଇଥିଲା । ଏହାବ୍ୟତୀତ, ୧୯୫୭ ମସିହାରେ ତାଙ୍କୁ ବିଖ୍ୟାତ 'କାଉଣ୍ଟ ବେର୍ନାଡୋଟ ସ୍ୱର୍ଣ୍ଣପଦକ' ମିଳିଥିଲା ।

ରାଜନୀତି ଓ ସମାଜସେବା କ୍ଷେତ୍ରକୁ ବାଦ ଦେଲେ, ରାଜକୁମାରୀ କାଉର୍ କ୍ରୀଡ଼ାଜଗତର ମଧ୍ୟ ଜଣେ ସକ୍ରିୟ ସମର୍ଥିକା ଥିଲେ । ଛାତ୍ରୀ ଜୀବନରେ କ୍ରୀଡ଼ାପ୍ରବୀଣା ରାଜକୁମାରୀ ଅମୃତ କାଉର୍ ପରବର୍ତ୍ତୀ ପରିଣୀତା ଜୀବନରେ କ୍ରୀଡ଼ା, କସରତ୍ ତଥା ଶାରୀରିକ ବ୍ୟାୟାମର ବିକାଶ ଦିଗରେ ଯଥେଷ୍ଟ ଧ୍ୟାନ ଦେଇଥିଲେ । ସ୍ୱାସ୍ଥ୍ୟର ଉନ୍ନତି ପାଇଁ ବ୍ୟାୟାମର ଆବଶ୍ୟକତା ଜଣେ ସାଧାରଣ ସ୍ୱାସ୍ଥ୍ୟମନ୍ତ୍ରୀ ଅପେକ୍ଷା ସେ ଅଧିକ ହୃଦୟଙ୍ଗମ କରିଥିଲେ ବୋଲି କୁହାଯାଇପାରେ । ଏଥିଯୋଗୁଁ ହିଁ ସେ ୧୯୫୩ ମସିହା ସେପ୍‌ଟେମ୍ବର ମାସରୁ 'ରାଜକୁମାରୀ କ୍ରୀଡ଼ା ତାଲିମ ଯୋଜନା' ( Rajkumari Sports Coaching Scheme ) ପ୍ରବର୍ତ୍ତନ କରି ଭାରତ ଓ ଭାରତ ବାହାରୁ ବିଶିଷ୍ଟ କ୍ରୀଡ଼ାବିତ୍‌ମାନଙ୍କୁ ଡକାଇ ତାଲିମ ଦେବାର ବ୍ୟବସ୍ଥା କରିଥିଲେ । ଏହାର ଉଦ୍ଦେଶ୍ୟ ଥିଲା ଭାରତର ଖେଳାଳିମାନେ ଯେମିତି ଆନ୍ତର୍ଜାତୀୟ ସ୍ତରରେ

Digitized by srujanika@gmail.com

ଉପଯୁକ୍ତ ଭାବେ ପ୍ରତିଯୋଗିତାର ସମ୍ମୁଖୀନ ହୋଇପାରିବେ । ଏହି ଯୋଜନା ବର୍ତ୍ତମାନ ପାତିଆଲାସ୍ଥ 'ଜାତୀୟ କ୍ରୀଡ଼ା ସଂସ୍ଥା' ( National Institute of Sports ) ଦ୍ୱାରା ପରିଚାଳିତ ହେଉଅଛି ।

ସର୍ବୋପରି, ରାଜକୁମାରୀ ଅମୃତଙ୍କର ସାହିତ୍ୟ ଓ ସଙ୍ଗୀତ ପ୍ରତି ମଧ୍ୟ କମ୍ ମମତା ନ ଥିଲା । ଛାତ୍ରୀ ଜୀବନରୁ ସେ ସଙ୍ଗୀତ ପ୍ରତି ଆସକ୍ତା ଥିଲେ ଏବଂ ତାଙ୍କର ବଳିତ ରହଣି କାଳରୁ ହିଁ ଜଣେ ବଶିଷ୍ଟା ପିଆନୋବାଦକା ରୂପେ ସେ ଖ୍ୟାତି ଅର୍ଜନ କରିଥିଲେ । ଏକାଧିକ ପୁସ୍ତକର ଲେଖିକା ଭାବରେ ମଧ୍ୟ ସାହିତ୍ୟିକ ମହଲରେ ତାଙ୍କର ସୁନାମ ଅପ୍ରତିହତ । ବିଭିନ୍ନ ଦେଶ ଭ୍ରମଣ କରି ବିଭିନ୍ନ ଦେଶବାସୀଙ୍କ ସମ୍ବନ୍ଧରେ ଜ୍ଞାନ ଆହରଣ କରିବା ସ୍ପୃହା ବି ତାଙ୍କର ଅତି ପ୍ରବଳ ଥିଲା । ରାଜକୁମାରୀ କାଉରଙ୍କର ଏବଂବିଧ କୃତିତ୍ୱ ତଥା ପ୍ରତିଭା ପ୍ରତି ସ୍ୱୀକୃତି ପ୍ରଦାନ ପୂର୍ବକ ଆମେରିକାର କେତେକ ବିଶ୍ୱବିଦ୍ୟାଳୟ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ମାନସୂଚକ ଉପାଧିମାନ ପ୍ରଦାନ କରାଯାଇଥିଲା ।

୧୯୬୪ ମସିହା ଫେବ୍ରୁୟାରୀ ୬ ତାରିଖରେ ରାଜକୁମାରୀ ଅମୃତ କାଉର ପଞ୍ଚସ୍ତରି ବର୍ଷ ବୟସରେ ଇହଲୀଳା ସମ୍ବରଣ କଲେ । ତାଙ୍କ ଭଳି ସୁଶୀଳା, ସୁସଂସ୍କୃତିସମ୍ପନ୍ନା, ଆତ୍ମାଭିମାନିନୀ, ମାନବବାଦିନୀ, ସଂସ୍କାରପ୍ରାଣା, ସେବାପରାୟଣା ମହିଳା ବିରଳ ବୋଲି କହିଲେ ଚଳେ । ତାଙ୍କର ତ୍ୟାଗ, ସେବାମନୋଭାବ ଓ ଅନିର୍ବଚନୀୟ ପ୍ରତିଭାର ପଟାନ୍ତର ନାହିଁ ବୋଲି କୁହାଯାଇପାରେ । ଏଥିପାଇଁ ତାଙ୍କୁ ଯଥାର୍ଥରେ 'ଭାରତର ଅନ୍ୟତମା ଅସାମାନ୍ୟା ମହିଳା' ବୋଲି ଅଭିହିତ କରାଯାଇଛି ।

●

Digitized by srujanika@gmail.com

॥ ପାଞ୍ଚ ॥

# ନିଃସ୍ୱାର୍ଥ ଦେଶସେବାର ଆଦର୍ଶ

# କମଳା ନେହରୁ

## [ ୧୮୯୯-୧୯୩୬ ]

ନିଜର ସୀମିତ ଜୀବଦ୍ଦଶାର ଅର୍ଦ୍ଧାଧିକ କାଳ ରୋଗଗ୍ରସ୍ତା ହୋଇ ଏକ ରକ୍ଷଣଶୀଳ କୁଳବଧୂର ଦାୟିତ୍ୱ ସଂପାଦନ କରିବା ସଙ୍ଗେ ସଙ୍ଗେ ଦେଶମାତୃକାର କୃତୀକନ୍ୟା ରୂପେ କମଳା ନେହରୁ ଯେଭଳି ସ୍ୱାଧୀନତା ସଂଗ୍ରାମରେ ଚରମ ଆତ୍ମୋତ୍ସର୍ଗ କରିଗଲେ, ଭାରତୀୟ ଇତିହାସରେ ତାର ଦୃଷ୍ଟାନ୍ତର ନାହିଁ କହିଲେ ଚଳେ । ଶାଶୁ ଶ୍ୱଶୁରଙ୍କ ସେବା, ସ୍ୱାମୀଙ୍କର ଆନନ୍ଦ ଏବଂ ଶିଶୁ କନ୍ୟାର ଲାଳନପାଳନ ସମସ୍ତ ବିଷୟରେ ସଚେତନ ରହିବା ସଙ୍ଗେ ସଙ୍ଗେ କମଳା ଜାତୀୟ ଆନ୍ଦୋଳନରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିଥିଲେ ଏବଂ ନିଜର ଅସୁସ୍ଥତା ସତ୍ତ୍ୱେ ଜାତୀୟ ଆଶା ଓ ଆକାଂକ୍ଷାର ପରିପୂରଣ ନିମିତ୍ତ ବ୍ରିଟିଶ ବିରୋଧରେ ବିପ୍ଳବ କରି ବହୁବାର କାରାବରଣ କରିଥିଲେ । ସେ ଥିଲେ ଯଥାର୍ଥରେ ଗୃହର ଲକ୍ଷ୍ମୀ, ପ୍ରେରଣାର ଉତ୍ସ ଏବଂ ତ୍ୟାଗର ପ୍ରତିମୂର୍ତ୍ତି ।

୧୮୯୯ ମସିହା ଅଗଷ୍ଟ ପହିଲାରେ ଏକ ରକ୍ଷଣଶୀଳ କାଶ୍ମୀରୀ ବ୍ରାହ୍ମଣ ଜବାହର ମଲ (ଓରଫ ଅର୍ଜୁନ ଲାଲ) କାଉଲଙ୍କ

Digitized by srujanika@gmail.com

ପରିବାରରେ କମଳାଙ୍କ ଜନ୍ମ । ତାଙ୍କ ପିତାମହ କିଶନଲାଲ ପଣ୍ଡିତ ରେଓ୍ୱା, ଜୟପୁର ଓ ଯୋଧପୁର ଭଳି ରାଜ ଦରବାରରେ ଖୁବ ସୁନାମ ଅର୍ଜନ କରିଥିଲେ । ତତ୍କାଳୀନ ରକ୍ଷଣଶୀଳ ପରିବେଶରେ କୁମାରୀ କମଳା ଗୃହ ବାହାରକୁ ଯିବାର ସୁଯୋଗ ନ ଥିଲା, ତେଣୁ ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନଙ୍କୁ ନିଯୁକ୍ତ କରି ଘର ଭିତରେ ହିଁ ତାଙ୍କର ବିଦ୍ୟାଶିକ୍ଷା ବ୍ୟବସ୍ଥା କରାଯାଇଥିଲା ।

୧୯୧୬ ମସିହାର ଗୋଟିଏ ବିବାହ ଭୋଜି କମଳାଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନର କାରଣ ହୋଇଥିଲା । ସେତେବେଳକୁ ତାଙ୍କର ବୟସ ମାତ୍ର ୧୩ ବର୍ଷ । ସେ ପିତାମହଙ୍କ ସହିତ ସେହି ସଂପର୍କୀୟ ବ୍ୟକ୍ତିଙ୍କର ବିବାହ ଭୋଜିକୁ ଯାଇଥିଲେ । ସେଠାକୁ ମଧ୍ୟ ଆସିଥିଲେ ପଣ୍ଡିତ ମୋତିଲାଲ ନେହରୁ ଓ ତାଙ୍କର ଧର୍ମପତ୍ନୀ ସ୍ୱରୂପରାଣୀ । କିଶନଲାଲ ଓ ମୋତିଲାଲ ଦୁହେଁ ଦୁହିଁଙ୍କୁ ଆଗରୁ ଜାଣିଥିଲେ । ମୋତିଲାଲ ଓ ସ୍ୱରୂପରାଣୀ ସେଠାରେ କମଳାଙ୍କୁ ଦେଖି ତାଙ୍କୁ ନିଜର ବଧୂ ରୂପେ ମନୋନୀତ କରିଥିଲେ । ପରେ ବିବାହ ପ୍ରସ୍ତାବ ସୁଦୃଢ଼ ହେବାରୁ ମୋତିଲାଲ ଆନନ୍ଦ ଭବନ ପରିବେଶରେ କମଳାଙ୍କ ଚଳାଚଳରେ ଅସୁବିଧା ନ ହେବା ଲାଗି ତାଙ୍କୁ ମଝିରେ ମଝିରେ ଆନନ୍ଦ ଭବନକୁ ନିମନ୍ତ୍ରଣ କରୁଥିଲେ ଏବଂ ତାଙ୍କୁ ପାଶ୍ଚାତ୍ୟ ଚଳଣି ତଥା ଇଂରାଜୀ ଶିକ୍ଷା ଦେବା ଲାଗି ନିଜର ଗୃହ-ଶିକ୍ଷୟିତ୍ରୀ କୁମାରୀ ହୁପରଙ୍କୁ ସେଠାକୁ ପଠାଇଥିଲେ । ଅବଶେଷରେ ଦିଲ୍ଲୀ ନଗରୀରେ ଏକ ଅଭୂତପୂର୍ବ ଆଡ଼ମ୍ବରପୂର୍ଣ୍ଣ ପରିବେଶରେ ଜବାହରଲାଲଙ୍କ ସହିତ କମଳାଙ୍କର ବିବାହ ଅନୁଷ୍ଠିତ ହୋଇଥିଲା ଏବଂ ନେହରୁ ଦମ୍ପତି ଗିରି-ହ୍ରଦ-ଦେଶ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ଭୂସ୍ୱର୍ଗ କାଶ୍ମୀରଠାରେ ମଧୁମାସ ଉପଭୋଗ କରିଥିଲେ ।

Digitized by srujanika@gmail.com

ସେହି ମଧ୍ୟରୁ ବୈବାହିକ ଜୀବନର ଶ୍ରେଷ୍ଠ ସ୍ମାରକୀ ଇନ୍ଦିରା, ୧୯୧୭ ମସିହା ନଭେମ୍ବର ୧୯ ତାରିଖରେ ଭୂମିଷ୍ଠ ହୋଇଥିଲେ । କିନ୍ତୁ କମଳାଙ୍କ ଜୀବନରେ ଅଧିକକାଳ ସାଂସାରିକ ସୁଖଶାନ୍ତିର ଯୋଗ ନ ଥିଲା । ନେହରୁଙ୍କ ପରିବାର ଉପରେ ମହାତ୍ମା ଗାନ୍ଧୀଙ୍କର ପ୍ରଭାବ ପଡ଼ିଲା ଏବଂ ତରୁଣ ଜବାହରଲାଲ ଅସହଯୋଗ ଆନ୍ଦୋଳନରେ ଝାସ ଦେଲେ । ପୁତ୍ରର କାର୍ଯ୍ୟ ପିତାଙ୍କୁ ମଧ୍ୟ ଆକର୍ଷିତ କରିଥିଲା ଓ ମୋତିଲାଲ ପ୍ରକାଶ୍ୟ ରୂପେ ଜାତୀୟ-ସଂଗ୍ରାମରେ ଯୋଗ ଦେଇଥିଲେ । ଜବାହରଲାଲ ଓ ମୋତିଲାଲଙ୍କ ପଛକୁ ମୁକ୍ତି-ସଂଗ୍ରାମ ଲାଗି ବାହାରି ପଡ଼ିଥିଲେ ସ୍ୱରୂପରାଣୀ, ବିଜୟଲକ୍ଷ୍ମୀ, କୃଷ୍ଣା, କମଳା ଓ ପରେ କୋମଳପ୍ରାଣା ଇନ୍ଦିରା ।

କମଳା ସ୍ୱାମୀଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟକୁ ନିଜର ମଣି ଜାତୀୟ ଆନ୍ଦୋଳନରେ ଝାସ ଦେଇଥିଲେ । ସେ ଜବାହରଲାଲଙ୍କ ସହିତ ବିଭିନ୍ନ ପୁରପଲ୍ଲୀ ଓ ଗ୍ରାମାଞ୍ଚଳମାନ ଭ୍ରମଣ କରି ଜନମତ ଜାଗ୍ରତ କରାଇବାରେ ଲାଗି ପଡ଼ିଥିଲେ । ଏପରି କି, ଜବାହରଲାଲ ବନ୍ଦୀ ଥିବା ଅବସ୍ଥାରେ ସମଗ୍ର ଆଲ୍ଲାହାବାଦ ନଗରର ନେତୃତ୍ୱ ଭାର ସେ ନିଜେ ବହନ କରିଥିଲେ ଏବଂ ତାହା ସେ ସୁରୁଚି ରୂପେ ସଂପାଦନ ମଧ୍ୟ କରିଥିଲେ । ନିଜର ସ୍ୱାସ୍ଥ୍ୟ, ନିଜ ଶିଶୁ କନ୍ୟାର ଲାଳନପାଳନ ଏବଂ ପରିବାରର ସୁବିଧା ଅସୁବିଧା ପ୍ରତି ଭ୍ରୂକ୍ଷେପ ନକରି ସେ ଆନ୍ଦୋଳନ ଓ ପିକେଟିଙ୍ଗ୍‌ରେ ମଜ୍ଜି ଯାଇଥିଲେ । ଅତି ପ୍ରତ୍ୟୁଷରୁ ଉଠି ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ଦେଇ, ସେମାନଙ୍କୁ ଶୋଭାଯାତ୍ରା ଓ ପଟୁଆରରେ ନେଇ କୋର୍ଟ, କଚେରୀ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଆଗରେ ଧର୍ମଘଟ ଓ ହରତାଳ କରିବା ତାଙ୍କର ଦୈନନ୍ଦିନ କାର୍ଯ୍ୟକ୍ରମରେ ପରିଣତ ହୋଇଥିଲା ।

Digitized by srujanika@gmail.com

ସେହି ସମୟର ନାରୀ ଜାଗରଣ ଓ ସେଥିରେ କମଳାଙ୍କର ଭୂମିକା ପ୍ରସଙ୍ଗ ଉଲ୍ଲେଖ କରି ଜବାହରଲାଲ ନେହରୁ ତାଙ୍କର ବିଖ୍ୟାତ 'ଭାରତ-ଆବିଷ୍କାର' ଗ୍ରନ୍ଥରେ ଲେଖିଥିଲେ—

"ଆମ ପୁରୁଷମାନଙ୍କ ମଧ୍ୟରୁ ଅଧିକାଂଶ କାରାରୁଦ୍ଧ ଥିଲେ । ସେତେବେଳେ ଏକ ଉଲ୍ଲେଖ ଯୋଗ୍ୟ ଘଟଣା ଘଟିଲା । ଆମର ନାରୀ ସମାଜ ପ୍ରଥମେ ସଂଗ୍ରାମର ଦାୟିତ୍ୱ ନେଲେ । ଏମାନଙ୍କ ଭିତରେ ଥିଲେ ଉଚ୍ଚ ଏବଂ ମଧ୍ୟବିତ୍ତ ପରିବାରର ନାରୀ, ଘରର ଚାରିପାଖ ମଧ୍ୟରେ ଯାହାଙ୍କ ଜୀବନ ଆବଦ୍ଧ ଥିଲା; ଚାଷୀଘରର ସ୍ତ୍ରୀ, ଶ୍ରମଜୀବୀ ମହିଳା ଓ ଧନଶାଳିନୀ ରମଣୀ । ସେମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ସରକାରୀ ଆଦେଶ ଓ ପୋଲିସ ଲାଠିର ପ୍ରତିରୋଧ କଲେ । ସେମାନେ କେବଳ ନିର୍ଭୀକତା ଓ ସାହସର ପରିଚୟ ଦେଇ ନ ଥିଲେ, ତାଙ୍କର ସାଂଗଠନିକ କ୍ଷମତା ପ୍ରଦର୍ଶନ ପୂର୍ବକ ସମସ୍ତଙ୍କୁ ଚମତ୍କୃତ କରି ଦେଇଥିଲେ । ଏହି ଜାଗରଣରେ କମଳା ଏକ ସାହସିକ ଓ ପ୍ରଶଂସିତ ଅଂଶ ଗ୍ରହଣ କରିଥିଲେ । ସମସ୍ତ ପରିଚିତ କର୍ମୀ ବନ୍ଦୀ ଥିଲାବେଳେ ଆଲ୍ଲାହାବାଦ ସହରରେ ଆମ କାର୍ଯ୍ୟର ସାଂଗଠନିକ ଦାୟିତ୍ୱ ତାଙ୍କ ଅନଭିଜ୍ଞ ହସ୍ତରେ ପଡ଼ିଥିଲା । ସେ ତାଙ୍କର ତେଜଃ ଓ ଶକ୍ତି ବଳରେ ସେହି ଅନଭିଜ୍ଞତାକୁ ଦୂର କରି ପାରିଥିଲେ ଏବଂ କିଛି ମାସ ମଧ୍ୟରେ ଆଲ୍ଲାହାବାଦର ଗର୍ବ ବନିଯାଇଥିଲେ ।" *

ସେତେବେଳେ ଅକାଳ ଚଞ୍ଚଳ ଭୁଲ୍ୟ ଅଦ୍ଧନରେ, ଜୀବନର ତାରୁଣ୍ୟରେ, ତାଙ୍କର ସ୍ୱାସ୍ଥ୍ୟ ଭଗ୍ନ ହେଲା । ଭାରତର ବରିଷ୍ଠ ଚିକିତ୍ସକଙ୍କ ଦ୍ୱାରା ନେହରୁ ତାଙ୍କର ଚିକିତ୍ସା କରାଇ ମଧ୍ୟ

* "The Discovery of India" ପୁସ୍ତକ (୧୯୬୦ ସଂସ୍କରଣ)ର ପୃ ୩୩୮-୩୪୧ ଦ୍ରଷ୍ଟବ୍ୟ ।

Digitized by srujanika@gmail.com

ନିରାଶ ହେଲେ ଏବଂ ଶେଷରେ ୧୯୨୬ ମସିହା ମାର୍ଚ୍ଚ ମାସରେ କମଳାଙ୍କୁ ନେଇ ସ୍ୱିଜରଲଣ୍ଡର ଏକ ଶ୍ରେଷ୍ଠ ନର୍ସିଂହୋମରେ ଭର୍ତ୍ତି କଲେ । ସେଠାରେ ତାଙ୍କର ସ୍ୱାସ୍ଥ୍ୟୋନ୍ନତି ଘଟିଥିଲା ଏବଂ ନେହରୁ କମଳା ଓ ଇନ୍ଦିରାଙ୍କୁ ଧରି ପାଖ ଦେଢ଼ ବର୍ଷ କାଳ ରୁଷ, ଇଟାଲି, ଜର୍ମାନୀ, ବେଲଜିୟମ ପ୍ରଭୃତି ୟୁରୋପର ବିଭିନ୍ନ ଦେଶ ପର୍ଯ୍ୟଟନ କରି ଶେଷକୁ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ ।

ଭାରତ ପ୍ରତ୍ୟାବର୍ତ୍ତନ ପରେ ଜବାହରଲାଲ ପୁଣି ଜାତୀୟ ଆନ୍ଦୋଳନରେ ନିଜକୁ ହଜେଇ ଦେଇଥିଲେ ଏବଂ କମଳା ମଧ୍ୟ ଦେଶସେବାର ଆହ୍ୱାନ ଏଡ଼ି ନ ପାରି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ନାରୀ-ଆନ୍ଦୋଳନକୁ ଅଧିକ ସକ୍ରିୟ ଓ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଏକ 'ଦେଶ ସେବିକା ସଙ୍ଘ' ଗଢ଼ି ଉଠିଥିଲା ଏବଂ ସେଥିରେ କସ୍ତୁରବା, କମଳା ନେହରୁ ଓ ସରୋଜିନୀ ନାଇଡ଼ୁ ପ୍ରମୁଖ ନାରୀନେତ୍ରୀଗଣ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିଥିଲେ । ଏପରିକି କମଳା ୧୯୨୮ ପରଠାରୁ ଜୀବନର ସମସ୍ତ ପ୍ରକାର ସାଧାରଣ ଆଡ଼ମ୍ବର ଓ ବିଳାସିତା, ଯଥା ଅଳଙ୍କାର ଓ ମୂଲ୍ୟବାନ ଶାଢ଼ୀ ପରିଧାନ ତ୍ୟାଗକରି ଏକ ପ୍ରକାର ସନ୍ନ୍ୟାସିନୀ ଜୀବନ ବିତାଇବା ଆରମ୍ଭ କରି ଦେଇଥିଲେ ।

ଜାତୀୟ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିବା ଫଳରେ ଅନ୍ୟାନ୍ୟ ଜାତୀୟତାବାଦୀ ନେତା ଓ ନେତ୍ରୀଙ୍କ ସହ ତାଙ୍କୁ ମଧ୍ୟ କାରାବରଣ କରିବାକୁ ପଡ଼ିଥିଲା । ଦୁର୍ବଳ ସ୍ୱାସ୍ଥ୍ୟ, ଅକ୍ଳାନ୍ତ ପରିଶ୍ରମ ଓ ବନ୍ଦୀ-ଜୀବନ ତାଙ୍କର ଶାରୀରିକ ଶକ୍ତିକୁ କ୍ଷୁର୍ଣ୍ଣ କରିଦେବା ଫଳରେ ୧୯୩୧ ବେଳକୁ ସେ ପୁଣି ରୋଗଗ୍ରସ୍ତ ହୋଇ ପଡ଼ିଲେ । ସେତେବେଳେ ବନ୍ଦୀ-ଜୀବନ ବିତାଉଥିବା ଜବାହରଲାଲଙ୍କ ସମ୍ମୁଖରେ ଏକ ସର୍ତ୍ତ ରଖାଯାଇଥିଲା ଯେ, ସେ

Digitized by srujanika@gmail.com

ଯଦି କଂଗ୍ରେସ ଆନ୍ଦୋଳନରୁ ପୂରାପୂରି ଓହରି ଯିବେ, ତାଙ୍କୁ ସମ୍ପୂର୍ଣ୍ଣ ମୁକ୍ତ କରାଯିବ । ଏହା ଜାଣିପାରି କମଳା ସ୍ୱାମୀଙ୍କ ନିକଟକୁ ଏକ ପତ୍ରରେ ଲେଖିଥିଲେ—ମୁଁ ମୃତ୍ୟୁ ବେଳକୁ ତୁମକୁ ନ ଦେଖିବି ପଛକେ, ତୁମେ ଏଭଳି ଏକ ଅସଙ୍ଗତ ଓ ଅପମାନ-ଜନକ ସର୍ତ୍ତରେ ରାଜି ହୁଅ ନାହିଁ ।

କମଳାଙ୍କ ଅବସ୍ଥା ବେଳକୁ ବେଳ ଅଧିକରୁ ଅଧିକ ଖରାପ ଆଡ଼କୁ ଗତି କରିଥିଲା ଏବଂ ୧୯୩୪ ବେଳକୁ ସେ ପ୍ଲୁରେସି ରୋଗରେ ଆକ୍ରାନ୍ତ ହୋଇ ପଡ଼ିଲେ । ୧୯୩୫ ଏପ୍ରିଲ ବେଳକୁ ଅବସ୍ଥା ସଙ୍କଟାପନ୍ନ ହେବାରୁ କମଳାଙ୍କୁ ଜର୍ମାନର ବଡ଼େନ୍‌ୱିଲର୍ ହାସପାତାଲକୁ ନିଆଗଲା । ସଙ୍ଗରେ ଯାଇଥିଲେ କୁମାରୀ ଇନ୍ଦିରା । ଜବାହରଲାଲ ସେତେବେଳକୁ ଆଲମୋରା କାରାକକ୍ଷରେ ବନ୍ଦୀ ଥିଲେ ।

କାରାବାସରୁ ଅବ୍ୟାହତି ପାଇ ନେହରୁ କମଳାଙ୍କୁ ଭେଟିଥିଲେ ଦୀର୍ଘ ଚାରିମାସ ପରେ, ୧୯୩୫ ସେପ୍ଟେମ୍ବର ମାସରେ । କମଳାଙ୍କ ଅବସ୍ଥାରେ ଉନ୍ନତିର କୌଣସି ସୂଚନା ମିଳି ନଥିଲା । ତେଣୁ ତାଙ୍କୁ ଜର୍ମାନୀରୁ ପୁଣି ସ୍ୱିଜରଲାଣ୍ଡ ନିଆଯାଇଥିଲା । ଅବଶେଷରେ ୧୯୩୬ ମସିହା ଫେବୃୟାରୀ ୨୮ ତାରିଖରେ ଲୁସାନେଠାରେ ମାତ୍ର ୩୭ ବର୍ଷ ବୟସରେ ତାଙ୍କର ଶରୀରାବସାନ ଘଟିଲା ।

ଜାତି ପାଇଁ, ଦେଶ ପାଇଁ ତିଳ ତିଳ କରି ଜୀବନ ଦାନ କରିବା କ୍ଷେତ୍ରରେ କମଳାଙ୍କର ଯଥାର୍ଥରେ ପଟାନ୍ତର ନାହିଁ । ସେ ଥିଲେ ଯଥାର୍ଥରେ ସ୍ୱାମୀଙ୍କର ସହକର୍ମିଣୀ ଓ ସହଧର୍ମିଣୀ । ନେହରୁଙ୍କ ଭଳି ଦେଶସେବାକୁ କମଳା ମଧ୍ୟ ନିଜ ଜୀବନର

Digitized by srujanika@gmail.com

ବ୍ରତ ରୂପେ ମଣିଥିଲେ । କେବଳ ସେତିକି ନୁହେଁ, ସ୍ୱାମୀ ଶିବାନନ୍ଦ, ମହାତ୍ମା ଗାନ୍ଧୀ, ପଣ୍ଡିତ ଗଙ୍ଗାନନ୍ଦ, ରାମାୟଣ ଓ ଭଗବତ୍ ଗୀତା ଦ୍ୱାରା ପ୍ରଭାବିତ ହୋଇ ତାଙ୍କ ଜୀବନକୁ ଆଦର୍ଶମୟ କରି ଗଢ଼ିଥିଲେ । ସେ ନିଜର ଅସାମାନ୍ୟ ଗୁଣାବଳୀ ଦ୍ୱାରା ସ୍ୱାମୀ ଜବାହରଲାଲ ଓ କନ୍ୟା ଇନ୍ଦିରାଙ୍କୁ ମଧ୍ୟ ଯଥେଷ୍ଟ ପ୍ରଭାବିତ କରିପାରିଥିଲେ । ସଂକ୍ଷେପରେ ପ୍ରକାଶ କଲେ, କମଳା ନେହରୁ ଥିଲେ ବିଶୁଦ୍ଧ ସରଳତା, ଚରମ ତ୍ୟାଗ ଓ ନିଃସ୍ୱାର୍ଥ ଦେଶସେବାର ପ୍ରତୀକ । ତାଙ୍କର ପ୍ରଗାଢ଼ ସ୍ୱାମୀଭକ୍ତି ରହିଥିବା ସତ୍ତ୍ୱେ ସେ ଥିଲେ ନାରୀ-ଜାଗରଣର ବାର୍ତ୍ତାବହ । ଏଥିପାଇଁ କମଳାଙ୍କର ଜନୈକ ଜୀବନୀ ପ୍ରଣେତା ଶ୍ରୀ କେ: ଏସ୍: ରତ୍ନାଗଓ ତାଙ୍କ ସମ୍ପର୍କରେ ଯଥାର୍ଥରେ ଉଲ୍ଲେଖ କରିଅଛନ୍ତି—'ତ୍ୟାଗର ଅନ୍ୟ ନାମ କମଳା, ସେ ଗୃହର ପରୀ ଓ ଦେଶପାଇଁ ପ୍ରେରଣାର ଉତ୍ସ' ।

Digitized by srujanika@gmail.com

॥ ଛଅ ॥

# ଭାରତୀୟ ରାଜନୀତିର ଅଗ୍ରଗଣ୍ୟା ନେତ୍ରୀ

# ବିଜୟଲକ୍ଷ୍ମୀ ପଣ୍ଡିତ

[ ୧୯୦୦ — ]

ନିଜର ବ୍ୟକ୍ତିଗତ ପାରିବାରିକ ଜୀବନ ତଥା ସାଂସାରିକ ସୁଖସମ୍ଭୋଗକୁ ପ୍ରତ୍ୟାଖ୍ୟାନ କରି ଭାରତୀୟ ମୁକ୍ତି ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ ପୂର୍ବକ ଦେଶ ଓ ଜାତିର ସ୍ୱାଧୀନତା ଓ ସମୃଦ୍ଧି ଉଦ୍ଦେଶ୍ୟରେ ଆତ୍ମୋତ୍ସର୍ଗ କରିଥିବା ମହିଳାମାନଙ୍କ ମଧ୍ୟରେ ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡିତଙ୍କ ନାମ ଚିର ସ୍ମରଣୀୟ । କେବଳ ସ୍ୱାଧୀନତା-ସଂଗ୍ରାମର ସୈନିକା ଭାବରେ ନୁହେଁ, ସ୍ୱାଧୀନୋତ୍ତର ଭାରତର ରାଷ୍ଟ୍ରପ୍ରତିନିଧି ରୂପେ ମଧ୍ୟ ଭାରତୀୟ ଗୌରବର ବିକାଶ ସାଧନ ଦିଗରେ ତାଙ୍କର ଅସାମାନ୍ୟ ଅବଦାନ ଅନସ୍ୱୀକାର୍ଯ୍ୟ । ପଣ୍ଡିତ ନେହେରୁଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ଶ୍ରୀମତୀ ବିଜୟଲକ୍ଷ୍ମୀ ଏକ ନବ-ସ୍ୱାଧୀନତାପ୍ରାପ୍ତ ରାଷ୍ଟ୍ରର ବିଭିନ୍ନ ନୀତି ଓ ଆଦର୍ଶର ବ୍ୟାଖ୍ୟାନ ଓ ପ୍ରଖ୍ୟାପନ ଦାୟିତ୍ୱ ଗ୍ରହଣ କରିଥିଲେ ଓ ତାହା ସୁରୁଚିରୂପେ ପାଳନ କରି ନିଜ କୃତିତ୍ୱର ପରିଚୟ ପ୍ରଦାନ କରିଥିଲେ । ଏହି ଦୃଷ୍ଟିରୁ ଭାରତୀୟ ରାଜନୀତିରେ ଶ୍ରୀମତୀ ପଣ୍ଡିତ ଯେ ଏକ ସ୍ୱତନ୍ତ୍ର ଆସନର ଅଧିକାରିଣୀ, ଏଥିରେ ସନ୍ଦେହ ନାହିଁ ।

Digitized by srujanika@gmail.com

ପଣ୍ଡିତ ମୋତିଲାଲ ନେହରୁଙ୍କର ପାରିବାରିକ, ସାମାଜିକ ମର୍ଯ୍ୟାଦା ଏବଂ ଆର୍ଥିକ ଭିତ୍ତି ସମୃଦ୍ଧ ହେଉଥିଲା ସମୟରେ ସ୍ୱରୂପରାଣୀଙ୍କର ଦ୍ୱିତୀୟ ଗର୍ଭରୁ ବିଜୟଲକ୍ଷ୍ମୀଙ୍କର ଆବିର୍ଭାବ ନେହରୁ ପରିବାରର ବିଜୟ ଓ ଶ୍ରୀବୃଦ୍ଧି (ଲକ୍ଷ୍ମୀ)ର ପ୍ରତୀକ ରୂପେ ପରିଗଣିତ ହୋଇଥିଲା । ୧୯୦୦ ମସିହା ଅର୍ଥାତ ଶତାବ୍ଦୀ ପରି-ବର୍ତ୍ତନର ସନ୍ଧିକ୍ଷଣରେ ବିଜୟଲକ୍ଷ୍ମୀଙ୍କର ଆବିର୍ଭାବର ୧୧ବର୍ଷ ପୂର୍ବେ ଜବାହାରଲାଲଙ୍କର ଜନ୍ମ ନେହରୁ ପରିବାରରେ ଏକ ନୂତନ ଆନନ୍ଦ ଓ ଉନ୍ମାଦନା ସୃଷ୍ଟି କରିଥିଲା ଏବଂ ବିଜୟଲକ୍ଷ୍ମୀଙ୍କ ଜନ୍ମ ପରେ ତାହା ବହୁଗୁଣିତ ହୋଇଥିଲା । ମିର୍ଜାପୁରଗଞ୍ଜର କ୍ଷୁଦ୍ର କୁଟୀରରେ ଜବାହାର ଜନ୍ମଲାଭ କରିଥିଲେ, କିନ୍ତୁ ବିଜୟଲକ୍ଷ୍ମୀ-ଙ୍କର ଆବିର୍ଭାବ ଘଟିଲା 'ଆନନ୍ଦଭବନ'ର ଆନନ୍ଦମୟ ପରିବେଶ ଭିତରେ ୧୯୦୦ ମସିହା ଅଗଷ୍ଟ ମାସ ୧୮ ତାରିଖରେ ।

ବିଜୟଲକ୍ଷ୍ମୀଙ୍କର ବାଲ୍ୟନାମ ଥିଲା 'ସ୍ୱରୂପ' । ତାଙ୍କୁ ପରିବାରଜନ ଆଦରରେ 'ନନ୍ହି' ବୋଲି ଡାକୁଥିଲେ । ଯାହା ଜଣାଯାଏ, ତାଙ୍କ କର-କୋଷ୍ଠୀରେ ବିଦେଶ ଯାତ୍ରା ବ୍ୟାପକ ଭାବରେ ରହିଥିଲା । ୧୯୦୫ ମସିହାରେ ଜବାହାରଲାଲଙ୍କୁ ହାରୋ ସ୍କୁଲକୁ ନେଲା ବେଳେ ପାଞ୍ଚବର୍ଷର ଶିଶୁ 'ନନ୍ହି' ବାପା-ମାଙ୍କ ସାଙ୍ଗରେ ଲଣ୍ଡନ ପରିଦର୍ଶନ ସୁଯୋଗ ଲାଭକଲା । ବାଲ୍ୟାବସ୍ଥାରେ ତାଙ୍କର ଶିକ୍ଷା ଦାୟିତ୍ୱ ଦିଆଯାଇଥିଲା ପାଶ୍ଚାତ୍ୟ ନାରୀ କୁମାରୀ ହୁପର୍‌ଙ୍କ ଉପରେ । ସେ ଗୃହ-ଶିକ୍ଷୟିତ୍ରୀ (Governess) ରୂପେ ରହି ଶିଶୁ ବିଜୟଲକ୍ଷ୍ମୀ (ସ୍ୱରୂପ ବା ନନ୍ହି)ଙ୍କୁ ବିଦ୍ୟାଶିକ୍ଷା ଦେବା ସଙ୍ଗେ ସଙ୍ଗେ ଚାଲିଚଳନ, ଆଚାର ବ୍ୟବହାର ଇତ୍ୟାଦି ବାହ୍ୟଜ୍ଞାନ ସମ୍ପର୍କରେ ମଧ୍ୟ ଧାରଣା ଦେଉଥିଲେ । ଆଲ୍ଲାହାବାଦର ପ୍ରଖ୍ୟାତ ଆଇନଜ୍ଞଙ୍କର ଆଦରଣୀୟା କନ୍ୟାଭାବରେ ବାଲ୍ୟାବସ୍ଥାରେ

Digitized by srujanika@gmail.com

ମଧ୍ୟ ତାଙ୍କ ପ୍ରତି ପ୍ରମୁଖ ବ୍ୟକ୍ତିଙ୍କର ଆଦର ଓ ଆଶୀର୍ବାଦ ରହିଥିଲା । ବିଜୟଲକ୍ଷ୍ମୀଙ୍କର ପାଞ୍ଚବର୍ଷ ବୟସ ବେଳର ଚରିତ୍ର ଚିତ୍ରଣ କରି ଜଣେ ବିଖ୍ୟାତ ଜୀବନୀ ଲେଖକ କହିଛନ୍ତି— "ସୁନ୍ଦରୀ, ଉଚ୍ଚ ମିଜାଜ୍, କୁହାଳିଆ ଓ ଦୃଢ଼ମନା ଝିଅଟି ସାର୍ବଜନୀନ ସ୍ନେହଭାଜନ ଥିଲା" (A beautiful Child, high-spirited, talkative and wilful, she was a universal favourite) । *

୧୯୨୦ ମସିହା ବେଳକୁ ଭାରତର ରାଜନୈତିକ ଜୀବନକୁ ଯେତେବେଳେ ଅସହଯୋଗ ଆନ୍ଦୋଳନ ପ୍ରବଳ ଭାବେ ଆଲୋଡ଼ିତ କରିଥିଲା, ସେହି ସମୟରେ ମୋତିଲାଲ କୁମାରୀ ସ୍ୱରୂପ ପାଇଁ ରଞ୍ଜିତ ସୀତାରାମ ପଣ୍ଡିତଙ୍କ ସହିତ ବିବାହ ପ୍ରସ୍ତାବ ଠିକ୍ କରିଥିଲେ । ଏହାର ଦୁଇବର୍ଷ ପୂର୍ବରୁ ବିବାହ ପ୍ରଶ୍ନ ନେଇ ପିତାଙ୍କ ଇଚ୍ଛା ସହିତ ଏକମତ ନ ହୋଇ ନହ୍ନି ଝିଅ ମାଘ ଲାଗି ଚାଲି ଯାଇଥିଲେ ମହାତ୍ମାଗାନ୍ଧୀଙ୍କ ସାବରମତୀ ଆଶ୍ରମକୁ । ସେହି ଆଶ୍ରମ-ଜୀବନରେ ଗାନ୍ଧୀ ଓ କସ୍ତୁରବାଙ୍କ ପ୍ରଭାବ ବେଶ୍ ଫଳପ୍ରଦ ହୋଇଥିଲା । ସ୍ୱରୂପ ୧୯୨୧ ମସିହା ମଇ ୧୦ ତାରିଖରେ ରଞ୍ଜିତ ପଣ୍ଡିତଙ୍କୁ ବିବାହ କରିଥିଲେ ଏବଂ ତା ପରଠାରୁ ବିଜୟଲକ୍ଷ୍ମୀ ପଣ୍ଡିତ ନାମରେ ପରିଚିତା ହେବାକୁ ଲାଗିଲେ ।

କିନ୍ତୁ ବିଧିର ବିଚିତ୍ର ବିଧାନ ଯେ ବିଜୟଲକ୍ଷ୍ମୀ-ରଞ୍ଜିତଙ୍କର ଦାମ୍ପତ୍ୟ ଜୀବନ ଦୀର୍ଘସ୍ଥାୟୀ ହୋଇ ନ ଥିଲା । ଜାତୀୟ ଆନ୍ଦୋଳନର ଆହ୍ୱାନ ସାମୟିକ ବିଚ୍ଛେଦର କାରଣ ହୋଇ-

* B. R. Nandaଙ୍କ ପ୍ରଣୀତ "Motilal Nehru" ପୁସ୍ତକର ପୃ: ୪୩ ଦ୍ରଷ୍ଟବ୍ୟ ।

Digitized by srujanika@gmail.com

ଥିଲା, ରାଜନୈତିକ ଘୂର୍ଣ୍ଣିବାତ୍ୟାରେ ଶ୍ୱାସରୁଦ୍ଧ ହୋଇ, ଜେଲ-ଜୀବନରେ ତିଳ ତିଳ ସଢ଼ି ନିଜର ମାନସିକ ତଥା ଶାରୀରିକ ସୁସ୍ଥତା ବଜାୟ ରଖି ନ ପାରି ୧୯୫୪ ମସିହା ଜାନୁୟାରୀ ୧୪ ତାରିଖରେ ରଞ୍ଜିତ ପଣ୍ଡିତ ଚିରବିଦାୟ ନେଇଥିଲେ । ତେବେ, ତାଙ୍କ ଦାମ୍ପତ୍ୟ-ଜୀବନର ସ୍ମାରକୀ ହେଉଛନ୍ତି ଚନ୍ଦ ( ଲେଖା ), ତାରା ଓ ରୀତା । ଏମାନେ ସମସ୍ତେ ଭବାନ୍ୱିତା ଓ ପ୍ରତ୍ୟେକେ ସୁପ୍ରତିଷ୍ଠିତା—ଏକାଧିକ ପୁତ୍ରକନ୍ୟାର ଜନନୀ ମଧ୍ୟ ।

ବିଜୟଲକ୍ଷ୍ମୀଙ୍କର କୈଶୋରଟା ଯିବା ସୁଖଶାନ୍ତି ଓ ସ୍ନେହପୂର୍ଣ୍ଣ ପରିବେଶରେ ଅତିବାହିତ ହୋଇଥିଲା, ତାଙ୍କ ଯୌବନ ତଥା ଜୀବନର ମଧ୍ୟଭାଗ ରାଜନୈତିକ ଆନ୍ଦୋଳନର ବହ୍ନି-ଜ୍ୱାଳାରେ ସନ୍ତୁଳିତ ହୋଇ ପଡ଼ିଥିଲା । ନେହରୁ ପରିବାର ତଥା ଆନନ୍ଦ-ଭବନ ଥିଲା ତଦାନୀନ୍ତନ ଜାତୀୟ ଜାଗରଣର ଅନ୍ୟତମ ପ୍ରାଣ-କେନ୍ଦ୍ର । ସ୍ୱରୂପ ରାଣୀ, କମଳା ଓ କୃଷ୍ଣାଙ୍କ ଭଳି ବିଜୟଲକ୍ଷ୍ମୀ ମଧ୍ୟ ସନ୍ତାନସନ୍ତତି ଓ ସ୍ୱାମୀ ସଙ୍ଗ ତଥା ସଂସାରିକ ସୁଖ ଭୁଲି ଦେଶପାଇଁ, ଜାତିପାଇଁ କାରାକକ୍ଷରେ ବନ୍ଦୀଜୀବନ ବିତାଇବା ପାଇଁ ଆଗୁସାର ହୋଇ ପଡ଼ିଥିଲେ । "ରାତି ଅଧରେ କମ୍ବା ଅତି ପ୍ରତ୍ୟୁଷରୁ ପୁଲିସ ଆସି ଛୋଟ ଛୋଟ ପିଲମାନଙ୍କର କରୁଣ କ୍ରନ୍ଦନ ମଧ୍ୟରେ ହିଁ ତାଙ୍କୁ ବନ୍ଦୀ କରିନେଇ ଯାଉଥିଲେ—ଥରେ କି ଦୁଇଥର ନୁହେଁ, ଦିନେ କି ଦୁଇ ଦିନ ପାଇଁ ନୁହେଁ, ବହୁବାର, ବହୁଦିନ ପାଇଁ ।" *

କେବଳ ଗଣ ଆନ୍ଦୋଳନର ସୈନିକା ରୂପେ ନୁହେଁ, ନିଷ୍ଠା ପରାୟଣା ଜନସେବିକା ଭାବରେ ମଧ୍ୟ ବିଜୟଲକ୍ଷ୍ମୀଙ୍କର

---

* 'ଯୁଗସ୍ରଷ୍ଟା ନେହରୁ' ( ୨ୟ ସଂସ୍କରଣ ) ପୁସ୍ତକର ୨୨୦ ପୃଷ୍ଠାର ଉଦ୍ଧୃତାଂଶ ।

Digitized by srujanika@gmail.com

ଅବଦାନ ନଗଣ୍ୟ ନୁହେଁ । ୧୯୩୫ ମସିହାର ଭାରତ-ଆଇନ ଅନୁସାରେ ୧୯୩୭ ମସିହାରେ ଯେଉଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା, ସେଥିରେ ଶ୍ରୀମତୀ ପଣ୍ଡିତ କଂଗ୍ରେସ ପାଇଁ ଆପ୍ରାଣ ପ୍ରଚାର ଚଳାଇଥିଲେ ଏବଂ ନିଜେ ମଧ୍ୟ ନିର୍ବାଚନରେ ବିଜୟ ଲାଭ କରି ତତାଳୀନ ଯୁକ୍ତପ୍ରଦେଶ ( ବର୍ତ୍ତମାନର ଉତ୍ତର ପ୍ରଦେଶ ) ମନ୍ତ୍ରୀମଣ୍ଡଳରେ ସ୍ୱାସ୍ଥ୍ୟ ଓ ସ୍ୱାୟତ୍ତଶାସନ ବିଭାଗର ମନ୍ତ୍ରୀ ହୋଇଥିଲେ । ଏ କ୍ଷେତ୍ରରେ ସେ ଥିଲେ ପ୍ରଥମ ଭାରତୀୟ ମହିଳା; ତାଙ୍କ ପୂର୍ବରୁ କୌଣସି ଭାରତୀୟ ନାରୀ ମନ୍ତ୍ରୀ ପଦବୀ ମଣ୍ଡନ କରି ନ ଥିଲେ । ଏପରିକି ସମଗ୍ର ବ୍ରିଟିଶ ସାମ୍ରାଜ୍ୟରେ ମଧ୍ୟ ରାମ୍‌ସେ ମେକ୍‌ଡୋନାଲ୍ ମନ୍ତ୍ରୀମଣ୍ଡଳର ଶ୍ରମ-ମନ୍ତ୍ରୀ ଶ୍ରୀମତୀ ମାର୍ଗାରେଟ ବୋଣ୍ଡଫିଲ୍ଡଙ୍କ ବ୍ୟତୀତ ଆଉ କେହି ମହିଳା ମନ୍ତ୍ରୀପଦରେ ଅଧିଷ୍ଠିତା ହୋଇ ନଥିଲେ । ଏହି ଦୃଷ୍ଟିରୁ ଶ୍ରୀମତୀ ପଣ୍ଡିତଙ୍କ ସ୍ଥାନ ସମଗ୍ର ବ୍ରିଟିଶ ସାମ୍ରାଜ୍ୟରେ ଦ୍ୱିତୀୟ ।

ଉତ୍ତର-ପ୍ରଦେଶର ମନ୍ତ୍ରୀ ହେବା ପୂର୍ବରୁ ଶ୍ରୀମତୀ ବିଜୟଲକ୍ଷ୍ମୀ ଆଲହାବାଦ ମ୍ୟୁନିସିପାଲ କାଉନ୍‌ସିଲ୍‌ର ସଭାନେତ୍ରୀ ( ଚେୟାରମ୍ୟାନ୍ ) ରୂପେ ମଧ୍ୟ ଜନସେବା କ୍ଷେତ୍ରରେ ନିଜର କର୍ମଦକ୍ଷତାର ପରିଚୟ ଦେଇଥିଲେ । ସେ ଯାହା ହେଉ, ଭାରତର ସ୍ୱାଧୀନତା ପରେ ରୁଷିଆ, ଆମେରିକା ଓ ଇଂଲଣ୍ଡ ଭଳି ଶକ୍ତିଶାଳୀ ଦେଶମାନଙ୍କରେ ଭାରତର ପ୍ରତିନିଧିତ୍ୱ କରିବାହିଁ ବିଜୟଲକ୍ଷ୍ମୀଙ୍କର ସର୍ବଶ୍ରେଷ୍ଠ କୃତିତ୍ୱ ।

ବିଜୟଲକ୍ଷ୍ମୀ ଭାରତ ସ୍ୱାଧୀନ ହେବା ପରେ ପରେ ୧୯୪୭ ମସିହାରୁ ୧୯୪୯ ମସିହା ପର୍ଯ୍ୟନ୍ତ ସୋଭିଏତ ରୁଷିକୁ ରାଷ୍ଟ୍ରଦୂତ (ଆମ୍ବାସାଡ଼ର) ରୂପେ ଯାଇ ସେଠାରେ ଷ୍ଟାଲିନ୍‌ଙ୍କ ଭଳି ଶାସକଙ୍କୁ ଭାରତର ନୀତି ଓ ଆଦର୍ଶ ସମ୍ବନ୍ଧରେ ଅନୁପ୍ରାଣିତ କରିବାରେ

Digitized by srujanika@gmail.com

ସକ୍ଷମ ହୋଇଥିଲେ । ୧୯୪୯ ଠାରୁ ୧୯୫୧ ପର୍ଯ୍ୟନ୍ତ ସେ ଯୁକ୍ତରାଷ୍ଟ୍ର ଆମେରିକାରେ ରାଷ୍ଟ୍ରଦୂତ ରୂପେ ରହି ସେହି ବିକାଶଶୀଳ ରାଷ୍ଟ୍ର ସହିତ ବିକାଶୋନ୍ମୁଖୀ ଦେଶ ଭାରତର ସୁସମ୍ପର୍କ ବଜାୟ ରଖିବାରେ କୃତକାର୍ଯ୍ୟ ହୋଇଥିଲେ । ଏହା ବ୍ୟତୀତ, ବିଜୟ-ଲକ୍ଷ୍ମୀ ୧୯୫୬ ଠାରୁ ୧୯୬୨ ଯାଏ ଲଣ୍ଡନରେ ଭାରତର ହାଇକମିଶନର ରୂପେ ଅବସ୍ଥାପିତ ହୋଇଥିଲେ । ନେହରୁଙ୍କ ଶାସନ କାଳରେ ବିଜୟଲକ୍ଷ୍ମୀଙ୍କ ଏ ସମସ୍ତ ଗୁରୁଦାୟିତ୍ୱ ବହିବାର ସମୀଚୀନତା ସଂପର୍କରେ ଏକ ନିରପେକ୍ଷ ଆଲୋଚନା କରି ବିଜୟଲକ୍ଷ୍ମୀଙ୍କ କନିଷ୍ଠା ଭଗିନୀ କୃଷ୍ଣା ହାଥୀସିଂହ ଯଥାର୍ଥରେ କହିଛନ୍ତି—"ବିଶ୍ୱ କୂଟନୀତି କ୍ଷେତ୍ରରେ ଭାରତୀୟ ଗୌରବ ପ୍ରତିଷ୍ଠା କରିବା ଦିଗରେ ମୋ ଭଉଣୀ ନିଶ୍ଚି ଭାଇଙ୍କୁ ସହାୟକ ହୋଇଥିଲା । ଏହା ମୋ ଭାଇଙ୍କ ପକ୍ଷରେ ପ୍ରୀୟାପ୍ରୀତି ତୋଷଣ ନ ଥିଲା, ଥିଲା ଏକ ଆବଶ୍ୟକତା । କାରଣ, ଭାରତ ଏତେ ବର୍ଷ ଧରି ବିଦେଶୀ ଶାସନାଧୀନ ରହିଥିବା ଯୋଗୁଁ ତାର କେହି ତାଲିମପ୍ରାପ୍ତ କୂଟନୀତିଜ୍ଞ ନଥିଲେ । କାହାର ଯଦି କିଛି ଅଭିଜ୍ଞତା ଥିଲା ବା ସେ ଦିଗରେ ସ୍ପୃହା ଥିଲା, ସେ ନିଶ୍ଚିତରେ ଏକ ଅମୂଲ୍ୟ ରତ୍ନ ।" *

ଏହି ଦିଗରୁ ବିଚାର କଲେ, ବିଜୟଲକ୍ଷ୍ମୀଙ୍କର ବିଦେଶୀ ରାଷ୍ଟ୍ରଗୁଡ଼ିକ ସଂପର୍କରେ ଯଥେଷ୍ଟ ଅନୁଭୂତି ଥିଲା । ସେ ରଞ୍ଜିତ ପଣ୍ଡିତଙ୍କ ତିରୋଧାନ ପରେ ମାନସିକ ଦୁଶ୍ଚିନ୍ତା ଦୂର କରିବା ପାଇଁ ୧୯୪୪-୪୫ ମସିହାରେ ବ୍ୟାପକ ଭାବରେ ଆମେରିକା ପର୍ଯ୍ୟଟନ କରିଥିଲେ ଏବଂ ପରେ ୧୯୪୬, ୧୯୪୭, ୧୯୪୮, ୧୯୫୨ ଓ ୧୯୫୩ରେ ଭାରତୀୟ ପ୍ରତିନିଧିଦଳରେ ଜାତିସଂଘ

* "We Nehrus" ପୁସ୍ତକର ପୃ· ୨୪୬-୨୪୭ ଦ୍ରଷ୍ଟବ୍ୟ ।

ଅଧିବେଶନମାନଙ୍କରେ ଯୋଗ ଦେଇଥିଲେ । ଏତଦ୍ ବ୍ୟତୀତ, ୧୯୫୩ ଠାରୁ ୧୯୫୪ ପର୍ଯ୍ୟନ୍ତ ସେ ଜାତିସଂଘ ସାଧାରଣ ପରିଷଦର ସଭାନେତ୍ରୀ ହୋଇଥିଲେ । ଏ କ୍ଷେତ୍ରରେ ସେ ହେଉଛନ୍ତି ସମଗ୍ର ବିଶ୍ୱଇତିହାସରେ ପ୍ରଥମ ମହିଳା ।

କେବଳ ଏତିକ ନୁହେଁ, ହାଇକମିଶନର ଦାୟିତ୍ୱ ସଂପାଦନ କରି ଲଣ୍ଡନରୁ ଫେରିଲା ପରେ ୧୯୬୨ ଠାରୁ ୧୯୬୪ ପର୍ଯ୍ୟନ୍ତ ସେ ମହାରାଷ୍ଟ୍ରର ରାଜ୍ୟପାଳ ହୋଇଥିଲେ ଏବଂ ସେହି ଦାୟିତ୍ୱରୁ ଅବ୍ୟାହତି ନେଲା ପରେ ଫୁଲପୁର ନିର୍ବାଚନ ମଣ୍ଡଳୀରୁ ବିଜୟିନୀ ହୋଇ ପାର୍ଲାମେଣ୍ଟ ସଦସ୍ୟା ରୂପେ କାର୍ଯ୍ୟ ସଂପାଦନ କରିଥିଲେ । ଭାରତୀୟ ମହିଳାମାନଙ୍କର ଉନ୍ନତି ଘଟାଇବା ଦିଗରେ ତାଙ୍କର ଅବଦାନ ଚିର ଅବିସ୍ମରଣୀୟ ରହିବ । ସେ ନିଜେ କେବଳ ଭାରତୀୟ ନାରୀ ଜାତିର ପ୍ରତିନିଧିତ୍ୱ କରି ନଥିଲେ, ୧୯୪୧ ମସିହାରୁ ନିଖିଳ ଭାରତ ମହିଳା ସମ୍ମିଳନୀର ସଭାନେତ୍ରୀ ରୂପେ ତାଙ୍କର ଉଦ୍ଦେଶ୍ୟ ପ୍ରକାଶ କରି ପାରିଥିଲେ । ଜାତିସଂଘର ସଭା ସଦନ, ପ୍ରଶାନ୍ତୀୟ ସଂପର୍କ ସମ୍ମିଳନୀ (Pacific Relation Conference) ଓ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଉଦ୍‌ବୋଧନ ଦେବା ବ୍ୟତୀତ ରୁଷ, ଇଂଲଣ୍ଡ ଓ ଆମେରିକାର ପ୍ରାନ୍ତ-ଅନୁପ୍ରାନ୍ତରେ ଭାରତୀୟ ନୀତି, ଆଦର୍ଶ ଓ ଶ୍ରେଷ୍ଠତ୍ୱର ପ୍ରଚାର କରିବା କ୍ଷେତ୍ରରେ ସେ ଅଗ୍ରଗଣ୍ୟା ।

ଶ୍ରୀମତୀ ବିଜୟଲକ୍ଷ୍ମୀ ଏହିଭଳି ଭାଷଣ ପ୍ରଦାନ ଉଦ୍ଦେଶ୍ୟରେ ବିଦେଶ ଗସ୍ତରେ ଯାଇଥିଲାବେଳେ ୧୯୬୬ ଜାନୁୟାରୀ ୧୦ ତାରିଖରେ ପ୍ରଧାନମନ୍ତ୍ରୀ ଶାସ୍ତ୍ରୀଙ୍କର ପରଲୋକ ଘଟିଥିଲା । ସେହି ଦୁଃସମ୍ବାଦ ଶୁଣିବାକ୍ଷଣି ସେ ସମସ୍ତ ଗସ୍ତକର୍ମ ବାତିଲ କରି

Digitized by srujanika@gmail.com

ଭାରତ ଫେରି ଆସିଲେ । ଏହାପରେ ଶ୍ରୀମତୀ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀ ରୂପେ ଆଶୀର୍ବାଦ ଦେବାଠାରୁ ସେ ନିଜେ ଆଉ ପ୍ରତ୍ୟକ୍ଷ ରାଜନୀତି ସହିତ ବିଶେଷ ସଂପର୍କ ରଖିନାହାନ୍ତି ଏବଂ ଏକ ପ୍ରକାର ଓହରି ଯାଇଛନ୍ତି ।

Digitized by srujanika@gmail.com

॥ ସାତ ॥

# ଇହୁଦୀୟ ଜାତୀୟ ଜାଗରଣର ନେତ୍ରୀ

# ଗୋଲଡା ମେଇର୍

[ ୧୮୯୮ — ]

ଶତ ଦୁଃଖ, ଦୁର୍ବିପାକ, ଅଭାବ, ଅନାଟନ ଓ ନିର୍ଯ୍ୟାତନା ସତ୍ତ୍ୱେ ଇହୁଦୀମାନଙ୍କ ପାଇଁ ଏକ ସ୍ୱରାଜ୍ୟ ପ୍ରତିଷ୍ଠା ଲକ୍ଷ୍ୟରେ ବ୍ରତୀ ହୋଇ ଗୋଲଡ଼ା ମେଇର ଯେଉଁ ଅସାମାନ୍ୟ ତ୍ୟାଗ, ନିଷ୍ଠା ଓ ସେବାଭାବର ପରିଚୟ ପ୍ରଦାନ କରିଛନ୍ତି, ତାହା ବିଶ୍ୱ ଇତିହାସରେ ଯେ ଏକ ଚିର ସ୍ମରଣୀୟ ପର୍ଯ୍ୟାୟ ହୋଇ ରହିବ, ଏଥିରେ ସନ୍ଦେହ ନାହିଁ । ସେ କେବଳ ଇତିହାସର ଏକ ଅମୃତ କନ୍ୟା ନୁହନ୍ତି, ଇତିହାସର ଗତିକୁ ବଦଳାଇ ଦେବାରେ ମଧ୍ୟ ତାଙ୍କର ଅସାଧାରଣ ଅବଦାନ ରହିଛି । ଅଣ-ଇହୁଦୀ ଅଭିଯାନ ତଥା ଇହୁଦୀମାନଙ୍କ ଉପରେ ନିର୍ମମ ଅତ୍ୟାଚାରର ସୁଦୃଢ଼ ପ୍ରତିବାଦ କରି ସେମାନଙ୍କ ପାଇଁ ଏକ ନ୍ୟାୟୋଚିତ ସ୍ଥାନ ହାସଲ କରିବା କ୍ଷେତ୍ରରେ ଗୋଲଡ଼ାଙ୍କ ଭୂମିକାର ତୁଳନା ନାହିଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

୧୮୯୮ ମସିହା ମଇ ୩ ତାରିଖରେ ଦକ୍ଷିଣ-ପଶ୍ଚିମ ରୁଷର କିଏଭଠାରେ ଏକ ଗରିବ ବଢ଼େଇ ପରିବାରରେ ଗୋଲଡାଙ୍କର

Digitized by srujanika@gmail.com

ଜନ୍ମ । ତାଙ୍କ ପିତା ମୋଟେ ମାବୋଉଚ ଏତେ ଗରିବ ଥିଲେ ଯେ, ସେ ତାଙ୍କର ଆଠୋଟି ସନ୍ତାନ-ସନ୍ତତିଙ୍କ ମଧ୍ୟରୁ ପାଞ୍ଚଜଣଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇ ପାରି ନ ଥିଲେ । ଗୋଲଡ଼ାଙ୍କୁ ପାଞ୍ଚବର୍ଷ ହେଲା ବେଳକୁ କୌଣସି ଉପାୟରେ ତାଙ୍କ ପିତା ଗୃହତ୍ୟାଗ କରି ଚାଲି ଯାଇଥିଲେ । ଏହା ପରେ ତାଙ୍କ ପରିବାର ପିନ୍‌ସ୍କକୁ ବାସସ୍ଥାନ ପରିବର୍ତ୍ତନ କରିଥିଲେ । ଇହୁଦୀ-ମାନଙ୍କର ସେହି ଅସ୍ୱାସ୍ଥ୍ୟକର କ୍ଷୁଦ୍ର ଓ କଦର୍ଯ୍ୟମୟ ସହରରେ ଗୋଲଡ଼ାଙ୍କର ମାତା ଗୋଟିଏ ଗ୍ରୋଟିଆ ଦୋକାନ ଆରମ୍ଭ କରିଥିଲେ ପରିବାରର ଗୁଜୁରାଣ ମେଣ୍ଟାଇବା ଉଦ୍ଦେଶ୍ୟରେ । ତଥାପି, ଜାର୍-ଶାସନର ଅତ୍ୟାଗୃରରୁ ଅବ୍ୟାହତ ନ ଥିଲା ।

ସେତେବେଳେ ଉଚ୍ଚ ଶିକ୍ଷା ଓ ମୁକ୍ତ ଉନ୍ନତ ଜୀବନର ସ୍ୱପ୍ନ ଦେଖିଥିଲେ କିଶୋରୀ ଗୋଲଡ଼ା ମାବୋଉଚ । ସେ ଗ୍ରାମ୍ୟ ପାଠଶାଳାରେ ଦୁଇବର୍ଷ ମଧ୍ୟରେ ନିଜ ପ୍ରତିଭାର ପରିଚୟ ଦେଇଥିଲେ ଓ ଜର୍ମାନ ଗ୍ରନ୍ଥମାନଙ୍କୁ ଇଂରାଜୀରେ ଟପି ଯାଇଥିଲେ । ପାରିବାରିକ ଅଭାବ, ଅଶାନ୍ତି ଓ ଅସୁସ୍ଥତା ଭିତରେ ତାଙ୍କପାଇଁ ଉଚ୍ଚ ଶିକ୍ଷା ଏକପ୍ରକାର ଅସମ୍ଭବ ହୋଇ ପଡ଼ିଥିଲା । ତଥାପି ନିଜେ ଏକ ଦୋକାନରେ ଶନିବାର ଦିନକ ସାମୟିକ ଭାବରେ କାମ କରି ଅନ୍ୟ ଦିନମାନ ସ୍କୁଲକୁ ଯାଇ ସେ ପଢ଼ୁଥିଲେ । ଶେଷକୁ ସେ ତାଙ୍କର ଜ୍ୟେଷ୍ଠା ଭଗିନୀଙ୍କ ନିକଟରେ ରହି ବିଦ୍ୟାଶିକ୍ଷା କରିବା ଲାଗି ମନସ୍ଥ କରି ସମସ୍ତଙ୍କର ଅଜ୍ଞାତରେ ଘର ଛାଡ଼ି ଡେନ୍‌ଭର୍‌କୁ ଚାଲି ଯାଇଥିଲେ । କିନ୍ତୁ ସେଠାରେ ଦୁଇ ଭଉଣୀଙ୍କ ଭିତରେ ମନାନ୍ତର ଘଟିବାରୁ ଗୋଲଡ଼ା ଭଉଣୀ ଉପରେ ବୋଝ ନ ହୋଇ ନିଜେ ଏକ ଲଣ୍ଡ୍ରିରେ କାମ କରିଥିଲେ । ସେହି ସମୟରେ ତାଙ୍କର ଭାବୀ ସ୍ୱାମୀ ମୋରିସ

ମେର୍‌ସନ୍‌ଙ୍କ ସହିତ ତାଙ୍କର ସାକ୍ଷାତ ଘଟିଥିଲା । ମେର୍‌ସନ୍ ଥିଲେ ଜଣେ ଚିତ୍ରକର—ସାଇନ୍‌ବୋର୍ଡ଼ ପ୍ରଭୃତି ଅଙ୍କନ କରି ସେ ଜୀବିକା ଅର୍ଜନ କରୁଥିଲେ ।

ଠିକ୍ ସେହିକାଳବେଳେ ନିଜ ପିତାମାତାଙ୍କର ଅତ୍ୟାଚାରଙ୍କ ନିକଟରେ ଆତ୍ମସମର୍ପଣ ସମ୍ବାଦ ପାଇ ଗୋଲ୍‌ଡ଼ା ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ସେଠାରେ ଦୁଇବର୍ଷ ମଧ୍ୟରେ ସେ ଉଚ୍ଚ ଶିକ୍ଷା ଶେଷ କରିବା ପରେ ଇହୁଦୀଙ୍କ ଉପରେ ଅତ୍ୟାଚାର ବିରୁଦ୍ଧରେ ଏକ ବ୍ୟାପକ ପ୍ରତିବାଦ ଲାଗି ପ୍ରସ୍ତୁତି ଆରମ୍ଭ କରିଥିଲେ । ନିଜ ପରିବାରଜନ, ବନ୍ଧୁବର୍ଗ ଓ ଭାବୀ ସ୍ୱାମୀଙ୍କର ନିବାରଣ ସତ୍ତ୍ୱେ ଗୋଲ୍‌ଡ଼ା ମେଇର ନିଜ ଲକ୍ଷ୍ୟ ସାଧନରେ ଅଟଳ ରହିଥିଲେ । ଶେଷରେ ସେ ମୋରିଶଙ୍କୁ ସ୍ପଷ୍ଟ ଶୁଣାଇ ଦେଇଥିଲେ ଯେ ଏହି ଅଭିଯାନରେ ସେ ତାଙ୍କର ପକ୍ଷ ସମର୍ଥନ କରି ସାଥୀ ହୋଇ ନ ହୁଅନ୍ତି, ତାଙ୍କୁ ସେ କଦାପି ବିବାହ କରିବେ ନାହିଁ । ଏଣୁ ବାଧ୍ୟହୋଇ ମୋରିଶ ଗୋଲ୍‌ଡ଼ାଙ୍କ ସାଙ୍ଗରେ ପାଲେଷ୍ଟାଇନ୍ ବାହାରିଥିଲେ ।

୧୯୨୧ ମସିହାରେ ନେପଲସ୍ ଦେଇ ତାଙ୍କର ପାଲେ-ଷ୍ଟାଇନ୍ ଯାତ୍ରା ଆରମ୍ଭ ହୋଇଥିଲା । ତେଲ ଏଭିଭଠାରେ ଏକ ହୋଟେଲରେ କିଛି ଦିନ ରହିଲା ପରେ ସେମାନେ କିବୁଜକୁ ଯାଇଥିଲେ ଏବଂ ସେଠାରୁ ପୁଣି ତେଲ-ଏଭିଭ ଫେରିଥିଲେ । ଶେଷରେ ଜେରୁଜାଲେମଠାରେ ଗୋଲ୍‌ଡ଼ାଙ୍କର ଦୁଇଟି ଛୁଆ ସାରା ଓ ମେନାଚେମ୍ ଜନ୍ମଲାଭ କରିଥିଲେ । ସେହି ସମୟରେ ଗୋଲ୍‌ଡ଼ା ପ୍ରଥମେ ଏକ ଲଣ୍ଡ୍ରିରେ ଲୁଗାସଫା କରି ଓ ପରେ ଏକ ସ୍କୁଲରେ ଶିକ୍ଷକତା କରି ଜୀବିକା ନିର୍ବାହ କରିଥିଲେ ।

Digitized by srujanika@gmail.com

ସଂକ୍ଷେପରେ ପ୍ରକାଶ କଲେ, ୧୯୨୮ ମସିହା ପର୍ଯ୍ୟନ୍ତ ଗୋଲଡ଼ାଙ୍କ ଜୀବନରେ ଭାଗ୍ୟ ସହିତ ସଂଗ୍ରାମର ସମସ୍ତ ପଡ଼ିଥିଲା ଏବଂ ୧୯୨୮ ପରେ ଜନସେବା କ୍ଷେତ୍ରରେ କ୍ରମଶଃ ଅଜସ୍ର ସୁନାମ ତାଙ୍କ ଉପରେ ଅଜାଡ଼ି ହେବାକୁ ଲାଗିଲା ।

ଗୋଲଡ଼ା ୧୯୨୮ ମସିହାରେ ମହିଳା ଶ୍ରମ ପରିଷଦର ସମ୍ପାଦିକା ହୋଇଥିଲେ ଏବଂ ସେତେବେଳେ ସେ ଇସ୍ରାଏଲ ଶ୍ରମିକ ଦଳ 'ମାପାଇ'ର ଜଣେ ପ୍ରତିଷ୍ଠାତ୍ରୀ ସଭ୍ୟା ରୂପେ କାର୍ଯ୍ୟ କରିଥିଲେ । ୧୯୩୨ ମସିହାରେ ନଉପୂର୍ବଠାରେ ତେଜି ଉଠିଥିବା ନାରୀଆନ୍ଦୋଳନରେ ଯୋଗଦେବା ଲାଗି ଗୋଲଡ଼ାଙ୍କୁ ମନୋନୀତ କରାଯାଇଥିଲା । ସେଠାରୁ ଫେରିଲା ପରେ ସେ ପାଲେଷ୍ଟାଇନ୍‌ର 'ହିଷ୍ଟାଡ୍ରୁଟ୍' ପରିଚାଳନା କମିଟିକୁ ନିର୍ବାଚିତ ହୋଇଥିଲେ । ୧୯୩୯ ମସିହାରେ ଦ୍ୱିତୀୟ ପୃଥିବୀ ମହାଯୁଦ୍ଧ ଆରମ୍ଭ ହେବା ପରେ ଗୋଲଡ଼ା ଯୁଦ୍ଧ ଅର୍ଥନୈତିକ-ପରାମର୍ଶଦାତା ପରିଷଦକୁ ସଦସ୍ୟା ରୂପେ ନିର୍ବାଚିତ ହୋଇଥିଲେ । କାଳକ୍ରମେ ନିଜର ନିଷ୍ଠା, କର୍ମଦକ୍ଷତା ଓ ଆନ୍ତରିକତା ବଳରେ ସେ ଉନ୍ନତରୁ ଉନ୍ନତତର କର୍ମକ୍ଷେତ୍ରର ଦାୟିତ୍ୱ ନେଇଥିଲେ ।

୧୯୪୭ ମସିହା ବେଳକୁ ଗୋଲଡ଼ା ନେତ୍ରୀ ଅବସ୍ଥାରୁ ରାଷ୍ଟ୍ରନୀତିଜ୍ଞା ଅବସ୍ଥାରେ ପହଞ୍ଚିଥିଲେ ଏବଂ ସେ ଇହୁଦୀମାନଙ୍କ ପ୍ରତି ଅତ୍ୟାଚାରର ପ୍ରତିବାଦ କରିବା ଦିଗରେ ସମର୍ଥ ହୋଇଥିଲେ । ନିର୍ଯ୍ୟାତିତ ଇହୁଦୀମାନଙ୍କ ଉପରେ ସଶସ୍ତ୍ର ଆକ୍ରମଣର ପ୍ରବଳ ପ୍ରତିବାଦ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଲାଗି ଅସ୍ତ୍ରଶସ୍ତ୍ର ସଂଗ୍ରହ କରିବା ଉଦ୍ଦେଶ୍ୟରେ ମାତ୍ର ୧୦ ସପ୍ତାହ ମଧ୍ୟରେ ପାଞ୍ଚକୋଟି ଡଲାର ଅର୍ଥ ସଂଗ୍ରହ କରିଥିଲେ । ଜୋର୍ଡାନ ରାଜା ଅବଦୁଲ୍ଲାଙ୍କ ସହିତ ବାରମ୍ବାର ଆଲୋଚନା କରି ଇହୁଦୀମାନଙ୍କ ପାଇଁ ୧୯୪୮

Digitized by srujanika@gmail.com

ମସିହା ମଇ ୧୪ ତାରିଖରେ ଏକ ନୂତନ ରାଷ୍ଟ୍ର ପ୍ରତିଷ୍ଠା କରିବାରେ ସେ କୃତକାର୍ଯ୍ୟ ହୋଇଥିଲେ । ସେ ପୁଣି ହୋଇଥିଲେ ରୁଷରେ ନବଗଠିତ ଇସ୍ରାଏଲର ପ୍ରଥମ ରାଜନୈତିକ ପ୍ରତିନିଧି । ସେତେବେଳେ ସେ ସେଠାରେ ଭାରତର ରାଷ୍ଟ୍ରପ୍ରତିନିଧି ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡିତଙ୍କର ସହିତ ତାଙ୍କର ସାକ୍ଷାତ ହୋଇଥିଲା ଏବଂ ସେ ଶ୍ରମିକ ନେତ୍ରୀର ପୋଷାକ ଗ୍ରୀଡ଼ ପୁରୁ କଳା ଗାଉନ୍ ପିନ୍ଧି ତାକୁ ତାଙ୍କ ନୂଆ ବସ୍ତ୍ରର ଜାତୀୟ ପୋଷାକ ରୂପେ ଗ୍ରହଣ କଲେ ।

ଗୋଲଡ଼ା ସୋଭିଏତ ରୁଷକୁ ପ୍ରତିନିଧି ରୂପେ ଚାଲିଗଲା ପରେ ନିଜ ଜନ୍ମଭୂମିରେ ତାଙ୍କର ଅନୁପସ୍ଥିତି ବିଶେଷ ମାତ୍ରାରେ ଅନୁଭୂତ ହୋଇଥିଲା । ତେଣୁ ୧୯୪୯ ମସିହାରେ ଯେତେବେଳେ ନବନିର୍ବାଚିତ ସରକାର ଗଠିତ ହେବାକୁ ଗଲା, ସେତେବେଳେ ଗୋଲଡ଼ାଙ୍କୁ ଏକ ମନ୍ତ୍ରୀ ପଦବୀ ଅର୍ପଣ କରାଯିବାର ପ୍ରସ୍ତାବ ଦିଆଯାଇଥିଲା । ୧୯୪୯ ମସିହା ଜାନୁୟାରୀ ମାସରେ ଅନୁଷ୍ଠିତ ନିର୍ବାଚନରେ 'ମାପାଇ' ଦଳ ଶତକଡ଼ା ୩୫ ଭାଗ ଭୋଟ ହାସଲ କରି ବେନ୍ ଗୁରିଅନ୍‌ଙ୍କ ନେତୃତ୍ୱରେ ମିଳିତ ସରକାର ଗଢ଼ିଥିଲେ ଏବଂ ସେହି ମନ୍ତ୍ରୀମଣ୍ଡଳରେ ଗୋଲଡ଼ାଙ୍କୁ ଶ୍ରମ ବିଭାଗର ଦାୟିତ୍ୱ ଦିଆଯାଇଥିଲା ।

ଏହା ପରେ ତାଙ୍କ ବ୍ୟକ୍ତିଗତ ଜୀବନରେ ଗୋଲଡ଼ା ଘୋର ଦୁର୍ଦ୍ଦିନର ସମ୍ମୁଖୀନ ହୋଇଥିଲେ । ୧୯୫୦ ମସିହାରେ ତାଙ୍କ ସ୍ୱାମୀଙ୍କର ତିରୋଧାନ ଘଟିଲା । ତାଙ୍କ କନ୍ୟା ସାଂଘାତିକ ଭାବେ ଅସୁସ୍ଥ ହୋଇ ପଡ଼ିଲେ । ସେ ନିଜେ ଶାରୀରିକ ଯନ୍ତ୍ରଣାର ଶିକାର ହେଲେ । କିନ୍ତୁ କର୍ମକ୍ଷେତ୍ରରେ ତାଙ୍କ ପାଇଁ ଉନ୍ନତିର ପଥ ଉନ୍ମୋଚିତ ହୋଇଥିଲା । ୧୯୫୬ ମସିହାରେ ସେ ଇସ୍ରା-

Digitized by srujanika@gmail.com

ଏନର ବୈଦେଶିକ ମନ୍ତ୍ରୀ ହୋଇଥିଲେ । ପରେ ଇସ୍ରାଏଲବାସୀଙ୍କୁ ଗୁରିଅନ୍‌ଙ୍କ ଆହ୍ୱାନର ପ୍ରତିକ୍ରିୟାରେ ସେ ନିଜର ନାମ ଗୋଲଡ଼ା ମେରସନ୍‌ରୁ ଗୋଲଡ଼ା ମେଇରଙ୍କୁ ପରିବର୍ତ୍ତନ କରିଥିଲେ । ୧୯୬୯ ମାର୍ଚ୍ଚ ମାସରେ ପ୍ରଧାନମନ୍ତ୍ରୀ ଲେଭି ଏଶକଲଙ୍କ ତିରୋଧାନ ପରେ ଗୋଲଡ଼ା ମେଇର ଇସ୍ରାଏଲର ଚତୁର୍ଥ ପ୍ରଧାନମନ୍ତ୍ରୀ ରୂପେ ନିର୍ବାଚିତ ହୋଇଥିଲେ । ପାଞ୍ଚବର୍ଷ କାଳ ସୁଖ୍ୟାତିରୁ ରୂପେ ରାଷ୍ଟ୍ର ଶାସନ ଦାୟିତ୍ୱ ସମ୍ପନ୍ନ କରିବା ପରେ ଗୋଲଡ଼ା ମେଇର ୧୯୭୪ ମସିହାରେ ତାଙ୍କ ପଦବୀରୁ ଇସ୍ତଫା ଦେଇ ପ୍ରଥମ ଥର ପାଇଁ ଇସ୍ରାଏଲର ଜନ୍ମଗ୍ରହଣ କରିଥିବା ଜଣେ ବ୍ୟକ୍ତି ଇତ୍‌ଜାକ୍ ରବିନଙ୍କୁ ପ୍ରଧାନମନ୍ତ୍ରୀ ହେବା ଲାଗି ପଥ ପରିଷ୍କାର କରି ଦେଇ ଗଲେ ।

ଗୋଲଡ଼ା ମେଇରଙ୍କ ତ୍ୟାଗ, ନିଷ୍ଠା, କର୍ମସାଧନା, ସାହସିକତା ଓ ସହୃଦୟତା ଇସ୍ରାଏଲର ଇତିହାସରେ ଚିରଦିନ ଲାଗି ଯେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ, କହିବା ବାହୁଲ୍ୟ ମାତ୍ର । ଏଥିପାଇଁ ଜାହାଙ୍ଗିର ଆର୍‌: ପି: ମୋଦି ଯଥାର୍ଥରେ କହିଛନ୍ତି ଯେ ଗୋଲଡ଼ା ମେଇର ପ୍ରାଚୀନ ଧର୍ମଗ୍ରନ୍ଥ (Old Testament) ବାଇବେଲ୍‌ର ପୃଷ୍ଠା ମଧ୍ୟରୁ ସିଧାସଳଖ ଅବତରଣ କରି ଆସିଛନ୍ତି । ତାଙ୍କୁ ନବଗଠିତ ରାଷ୍ଟ୍ର ଇସ୍ରାଏଲର ମାତୃଶକ୍ତି ସ୍ୱରୂପିଣୀ ଦେବୀ ବୋଲି କୁହାଗଲେ ଅତ୍ୟୁକ୍ତି ହେବ ନାହିଁ ।



Digitized by srujanika@gmail.com

॥ ୬୦ ॥

## କଂଗ୍ରେସର ଅନ୍ୟତମା ସୁଦକ୍ଷା ଦଳନେତ୍ରୀ

# ସୁଚେତା କୃପାଳିନୀ

[ ୧୯୦୮-୧୯୭୪ ]

ମହାତ୍ମା ଗାନ୍ଧୀଙ୍କର ଅନ୍ୟତମା ଶିଷ୍ୟା, ସ୍ୱାଧୀନତା-ସଂଗ୍ରାମର ସୈନିକା, କଂଗ୍ରେସ ଅନୁଷ୍ଠାନର ସଙ୍ଗଠନକର୍ତ୍ତ୍ରୀ, ଉତ୍ତର-ପ୍ରଦେଶର ଭୂତପୂର୍ବ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ସୁଚେତା କୃପାଳିନୀଙ୍କର ତ୍ୟାଗପୂର୍ଣ୍ଣ ସେବାମୟ ଜୀବନର ଆଦର୍ଶ ଅନନ୍ୟ ସାଧାରଣ । ଜୀବନରେ ସାମାଜିକ ପ୍ରତିଷ୍ଠା, ସୁଖ୍ୟାତି, ସମ୍ମାନ ଓ ପଦମର୍ଯ୍ୟାଦାକୁ ତୁଚ୍ଛ ମଣି ଜାତୀୟଜୀବନ ସୋତରେ ନିଜକୁ ଉତ୍ସର୍ଗିତ କରିବା କ୍ଷେତ୍ରରେ ତାଙ୍କର ଅବଦାନ ଉଲ୍ଲେଖନୀୟ । ସ୍ୱାଧୀନତା—ଆନ୍ଦୋଳନ, ଦଳ ସଙ୍ଗଠନ ଓ ବିଧାନ ପରିଚାଳନା ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ଦକ୍ଷତାର ପରିଚୟ ସେ ପ୍ରଦାନ କରି ଜଣେ ଅସାମାନ୍ୟା ନାରୀନେତ୍ରୀ ଭାବରେ ମରଣୋତ୍ତର କାଳରେ ମଧ୍ୟ ଜନମାନସରେ ନିଜର ଆସ୍ଥାନ ସୁଦୃଢ଼ ରଖି-ପାରିଛନ୍ତି ।

ସ୍ୱର୍ଗତ କେଶବଚନ୍ଦ୍ର ସେନଙ୍କ ଦ୍ୱାରା ପ୍ରତିଷ୍ଠିତ 'ବ୍ରାହ୍ମସମାଜ' ତଦାନୀନ୍ତନ ଭାରତରେ ଯେଉଁ ଜନଜାଗରଣର ସୂତ୍ରପାତ ଘଟାଇ

Digitized by srujanika@gmail.com

ଥିଲ, ସୁଚେତାଙ୍କ ଉପରେ ତାର ପରୋକ୍ଷ ପ୍ରଭାବ ପଡ଼ିଥିଲା । କାରଣ, କେଶବଚନ୍ଦ୍ରଙ୍କର ବାରଜଣ ଶ୍ରେଷ୍ଠ ଶିଷ୍ୟଙ୍କ ମଧ୍ୟରେ ସୁଚେତାଙ୍କ ପିତାମହ ପ୍ରାଣନାଥ ମଜୁମ୍‌ଦାର ଥିଲେ ଅନ୍ୟତମ । ସେ ବ୍ରାହ୍ମସମାଜ ଆଦର୍ଶରେ ନିଜକୁ ଗଢ଼ାଇ ଦେଇ ସିନ୍ଧୁ ପ୍ରଦେଶ (ବର୍ତ୍ତମାନ ପାକିସ୍ତାନ ଅନ୍ତର୍ଗତ) ପଞ୍ଜାବ, ବିହାର ପ୍ରଭୃତି ଅଞ୍ଚଳରେ କର୍ମବ୍ୟସ୍ତ ରହି ନିଜର ପରିବାରକୁ ମଧ୍ୟ ଭୁଲି ଯାଇଥିଲେ ଏବଂ ସୁଚେତାଙ୍କ ପିତାମହୀ ସମସ୍ତ ପାରିବାରିକ ଜଞ୍ଜାଳ ସମ୍ଭାଳ ନେଉଥିଲେ । ସୁଚେତାଙ୍କ ପିତା ସୁରେନ୍ଦ୍ରନାଥ ମଜୁମ୍‌ଦାର ଥିଲେ ଜଣେ ସୁଦକ୍ଷ ଚିକିତ୍ସକ ଏବଂ ମାତା ଥିଲେ ଜଣେ ସୁଗୃହିଣୀ । ଉଭୟେ ଧର୍ମପ୍ରାଣ ବ୍ୟକ୍ତି ଥିଲେ ଏବଂ ପ୍ରତିଦିନ ପ୍ରତ୍ୟୁଷରେ ପ୍ରାର୍ଥନା ଦ୍ୱାରା ଦୈନନ୍ଦିନ କାର୍ଯ୍ୟକ୍ରମର ଶୁଭାରମ୍ଭ ହେଉଥିଲା । ସୁଚେତାଙ୍କ ଶୈଶବକାଳୀନ ଜୀବନ ପିତାମହଙ୍କର ଦେଶସେବା ଓ ପିତାମାତାଙ୍କର ପୂଜାଅର୍ଚ୍ଚନା ଦ୍ୱାରା ଯେ ବିଶେଷ ମାତ୍ରାରେ ପ୍ରଭାବିତ ହୋଇଥିଲା, କହିବା ବାହୁଲ୍ୟ ମାତ୍ର ।

ସୁଚେତାଙ୍କ ପୂର୍ବପୁରୁଷ ପଶ୍ଚିମବଙ୍ଗର ଅଧିବାସୀ ଥିଲେ । କିନ୍ତୁ ତାଙ୍କ ପିତା ସୁରେନ୍ଦ୍ରନାଥ ପଞ୍ଜାବରେ ଡାକ୍ତରୀ ବ୍ୟବସାୟ କରିବା ଫଳରେ ପଞ୍ଜାବରେ ହିଁ ସ୍ଥାୟୀଭାବେ ବାସ କରିଥିଲେ । ଏହି ପଞ୍ଜାବଠାରେ ହିଁ ସୁରେନ୍ଦ୍ରନାଥଙ୍କ ପରିବାରର ମଧ୍ୟମା କନ୍ୟା ସୁଚେତା ଜନ୍ମ ଲାଭ କରିଥିଲେ ୧୯୦୮ ମସିହା ଜୁନ୍ ୨୭ ତାରିଖରେ ।

ସୁଚେତା ସ୍କୁଲ ଛାତ୍ରୀ ଭାବରେ ବିଶେଷ ବୁଦ୍ଧିମତୀ ନ ଥିଲେ । ସେ ନିଜେ ସ୍ୱୀକାର କରିଛନ୍ତି ଯେ ସ୍କୁଲରେ ସେ ଶିକ୍ଷକମାନଙ୍କର ମୁଣ୍ଡବ୍ୟଥାର କାରଣ ଥିଲେ । ତେବେ,

Digitized by srujanika@gmail.com

ପରବର୍ତ୍ତୀ ଜୀବନରେ ସେ କୃତି-ଛାତ୍ରୀ ରୂପେ ଛାତ୍ରବୃତ୍ତି ଓ ସ୍ୱର୍ଣ୍ଣ-ପଦକର ଅଧିକାରିଣୀ ହୋଇ ପାରିଥିଲେ । ସୁଚେତା ଅନ୍ତ ସାଧାରଣ ସ୍ତରରୁ ଜଣେ କୃତୀ-ଛାତ୍ରୀ ସାଜିବା ମୂଳରେ ତାଙ୍କ ପରିବାରର ବନ୍ଧୁ ତଥା ଘରୋଇ ଶିକ୍ଷୟିତ୍ରୀ ଶ୍ରୀମତୀ ଗୁପ୍ତଙ୍କର ଅବଦାନ ଯଥେଷ୍ଟ ରହିଥିଲା ।

ସିମଲାର ଲରେଟୋ କନଭେଣ୍ଟ, ଆଲାହାବାଦ ବୋର୍ଡ଼ିଂ ସ୍କୁଲ, ଦିଲ୍ଲୀସ୍ଥ କୁଇନ୍ ମେରୀ ସ୍କୁଲ ପ୍ରଭୃତି ପ୍ରାୟ ବାରଟି ସ୍କୁଲରେ ମ୍ୟାଟ୍ରିକୁଲେଶନ ପର୍ଯ୍ୟନ୍ତ ପଢ଼ି ସୁଚେତା ଓ ତାଙ୍କର ଜ୍ୟେଷ୍ଠା ଭଗିନୀ ସୁଲେଖା ଦିଲ୍ଲୀ ଇନ୍ଦ୍ରପ୍ରସ୍ଥ କଲେଜରେ ଇଣ୍ଟର-ମିଡ଼ିଏଟ୍ ଶ୍ରେଣୀରେ ନାମ ଲେଖାଇ ଥିଲେ ଏବଂ ଅଳ୍ପଦିନ ଭିତରେ ପିତାଙ୍କର ଲାହୋରକୁ ବଦଳି ହୋଇଯିବା ପରେ ସେଠାରୁ ଯାଇ କିନ୍ନାର୍ଡ଼ କଲେଜରେ ଅଧ୍ୟୟନ କରିଥିଲେ । ପିତା ସରକାରୀ ଚାକିରି କରିଥିବା ଯୋଗୁଁ ବିଭିନ୍ନ ସ୍ଥାନକୁ ବାରମ୍ବାର ସ୍ଥାନାନ୍ତର ହେଉଥିବା କାରଣରୁ ବହୁ ଶିକ୍ଷାନୁଷ୍ଠାନ ପରିବର୍ତ୍ତନ କରିଥିଲେ ମଧ୍ୟ, ଏବଂ ବିଶେଷତଃ ଆଦ୍ୟ ଛାତ୍ରାବସ୍ଥାରେ ସୁଚେତା ବିଶେଷ ବୁଦ୍ଧିମତୀ ଛାତ୍ରୀ ନଥିଲେ ସୁଦ୍ଧା, ମ୍ୟାଟ୍ରିକ ଓ ଇଣ୍ଟରମିଡ଼ିଏଟ୍ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ।

ସୁଚେତା କିନ୍ନାର୍ଡ଼ କଲେଜରେ ଇଣ୍ଟରମିଡ଼ିଏଟ୍ ଶ୍ରେଣୀର ଛାତ୍ରୀ ଥିଲାବେଳେ ୧୯୨୫ ମସିହା ମଇ ୮ ତାରିଖରେ ସୁଲେଖାଙ୍କର ଅକାଳ ବିୟୋଗ ଘଟିବାରୁ ସେ ଆଉ ସେହି କଲେଜରେ ନ ପଢ଼ି ସରକାରୀ ମହିଳାକଲେଜରେ ବି. ଏ. ଅଧ୍ୟୟନ କରିଥିଲେ । ଏହା ପରେ ପିତାଙ୍କ ଅସୁସ୍ଥତା କାରଣରୁ ସୁଚେତା ଓ ତାଙ୍କର କନିଷ୍ଠା ଭଗିନୀ ହେମାମା ଦିଲ୍ଲୀଠାରେ

Digitized by srujanika@gmail.com

ଅଧ୍ୟୟନ କରିଥିଲେ । ସୁଚେତା ଦିଲ୍ଲୀସ୍ଥ ସେଣ୍ଟ ଷ୍ଟିଫେନ୍ସ କଲେଜ ଓ ହିନ୍ଦୁ କଲେଜରେ ଇତିହାସରେ ଏମ୍. ଏ. କରିଥିଲେ । ସେ ଷଷ୍ଠ ବାର୍ଷିକ ଛାତ୍ରୀ ଥିଲାବେଳେ ୧୯୨୯ ମସିହାରେ ତାଙ୍କ ପିତାଙ୍କର ଦେହାନ୍ତ ଘଟିଥିଲା । ତଦାନୀନ୍ତନ ଅନିଶ୍ଚିତତା ଓ ପାରିପାର୍ଶ୍ୱିକ ପରିସ୍ଥିତିର ପ୍ରତିକୂଳତା ସତ୍ତ୍ୱେ ସୁଚେତା ପ୍ରଥମ ଶ୍ରେଣୀରେ ଏମ୍. ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ।

ତାଙ୍କର ସେହି ଦୁର୍ଦ୍ଦିନରେ ସୁଚେତା ଓ ତାଙ୍କ ମାତା ପରିବାରର ସମସ୍ତ ବୋଝ ସମ୍ଭାଳି ଥିଲେ, କାରଣ ସୁଚେତାଙ୍କ ପିତାଙ୍କର ଜଣେ ଅନ୍ଧ ବନ୍ଧୁଙ୍କୁ ଛାଡ଼ିଦେଲେ ତାଙ୍କର କୌଣସି ଆତ୍ମୀୟ ତାଙ୍କ ପରିବାରକୁ କୌଣସି ସାହାଯ୍ୟ କରିନଥିଲେ । ସୁଚେତା ପ୍ରଥମେ ଲାହୋରର ଗୋଟିଏ ନବପ୍ରତିଷ୍ଠିତ ସ୍କୁଲରେ ଶିକ୍ଷୟିତ୍ରୀ ରୂପେ ଜୀବିକା ଆରମ୍ଭ କରିଥିଲେ ଏବଂ ପରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଅଧ୍ୟାପିକା ହୋଇଥିଲେ । ସେ ତାଙ୍କର ଦୁଇଟି ଶ୍ରେଷ୍ଠ ଭଉଣୀ ଓ ଜଣେ ଶ୍ରେଷ୍ଠ ଭାଇକୁ ମଣିଷ କରିବାର ଦାୟିତ୍ୱ ମୁଣ୍ଡାଇଥିଲେ । ସେତେବେଳେ ୧୯୩୧ ମସିହାରେ ତାଙ୍କର କନିଷ୍ଠା ଭଗିନୀ ହେମାଙ୍କର ବିବାହ ସମ୍ପାଦିତ ହୋଇଥିଲା ।

ଆଚାର୍ଯ୍ୟ କୃପାଳନୀଙ୍କ ସହିତ ସୁଚେତାଙ୍କର ଘନିଷ୍ଠତା ଖୁବ୍ ବଢ଼ି ଯାଇଥିଲେ ସୁଦ୍ଧା ତାଙ୍କର ବିବାହ ବିଳମ୍ବିତ ହୋଇଥିଲା, କାରଣ ଜବାହରଲାଲ ଜେଲରେ ଥାଇ କୃପାଳନୀ ବିବାହ କରିବେ ନାହିଁ ବୋଲି ଜଣାଇଥିଲେ । ୧୯୨୦ ମସିହାରେ କୃପାଳନୀ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ତ୍ୟାଗ କରି ସତ୍ୟାଗ୍ରହ ଆନ୍ଦୋଳନରେ ଝାସ ଦେବା ସମୟରୁ ଅନ୍ୟମାନଙ୍କଠାରୁ ତାଙ୍କ ବିଷୟରେ ଶୁଣି ସୁଚେତା ତାଙ୍କ ପ୍ରତି ମନେ ମନେ ଆକୃଷ୍ଟ ହୋଇ

Digitized by srujanika@gmail.com

ଉଠିଥିଲେ ଏବଂ ପରେ ସୁଚେତା ବନାରସରେ ରହିବାଠାରୁ ଉଭୟଙ୍କ ମଧ୍ୟରେ ଆନ୍ତରିକତା ବଢ଼ିଥିଲା । କିନ୍ତୁ ଗାନ୍ଧିଜୀ ସେମାନଙ୍କର ବିବାହକୁ ଗ୍ରହଣ ନଥିଲେ, କାରଣ ତାଙ୍କର ଆଶଙ୍କା ଜନ୍ମିଥିଲା ଯେ ବିବାହ ପରେ କୃପାଳନୀ ସ୍ୱାଧୀନତା ଆନ୍ଦୋଳନରୁ ଓହରି ଯିବେ । ଏଣୁ ସେ ସୁଚେତାଙ୍କୁ କହିଥିଲେ—"ତୁମେ ଯଦି ତାଙ୍କୁ (କୃପାଳନୀଙ୍କୁ) ବିବାହ କର, ତୁମେ ମୋର ଡାହାଣ ହାତଟା ଭାଙ୍ଗି ଦେବ ।" ସେତେବେଳେ ସୁଚେତା ତାଙ୍କୁ କହିଥିଲେ—"ଆପଣ଼ ଜଣେ କର୍ମୀଙ୍କୁ ହରାଇବେ ବୋଲି ଭାବୁଛନ୍ତି କାହିଁକି ? ଆପଣଙ୍କୁ ଦି ଜଣ କର୍ମୀ ମିଳିବେ ।"

ଅବଶେଷରେ, ୧୯୩୬ ମସିହା ଏପ୍ରିଲ ମାସରେ, ବ୍ରାହ୍ମ ପଦ୍ଧତିରେ ସୁଚେତା ଓ କୃପାଳନୀଙ୍କ ବିବାହ ସମ୍ପନ୍ନ ହୋଇଥିଲା ଏବଂ ଜବାହରଲାଲଙ୍କ ମାତା ସ୍ୱରୂପରାଣୀ ଆନନ୍ଦ ଭବନଠାରେ ନବଦମ୍ପତିଙ୍କୁ ପ୍ରଥମେ ଆଶୀର୍ବାଦ କରିଥିଲେ, ସେତେବେଳକୁ ଆଚାର୍ଯ୍ୟ କୃପାଳନୀ କଂଗ୍ରେସର ସାଧାରଣ ସଂପାଦକ ହୋଇ ସାରିଥିଲେ । ତାଙ୍କର ସହଧର୍ମିଣୀ ଭାବରେ ସୁଚେତା ଜାତୀୟ ଆନ୍ଦୋଳନ ପ୍ରତି କ୍ରମଶଃ ଅଧିକ ଆକୃଷ୍ଟ ହେବାକୁ ଲାଗିଲେ ।

ଛାତ୍ରୀ-ଜୀବନରୁ ସୁଚେତା ଜାତୀୟ ଜାଗରଣ ସଂପର୍କରେ ସଚେତନଶୀଳା ଥିଲେ । ୧୯୨୦ ମସିହାର ଅସହଯୋଗ ଆନ୍ଦୋଳନର ଠିକ ଠିକ ଖବର ସେ ତାଙ୍କ ଜ୍ଞାତି ଭ୍ରାତା ଧୀରେନ୍ ମଜୁମ୍‌ଦାରଙ୍କଠାରୁ ସଂଗ୍ରହ କରୁଥିଲେ ଏବଂ ମୀରୁଟ ଆଶ୍ରମର ଖଦଡ଼ ଶାଢ଼ୀ ପରିଧାନ କରୁଥିଲେ । ୧୯୨୪ ବେଳକୁ ସେ ଗାନ୍ଧିଜୀଙ୍କ ସଂସ୍ପର୍ଶରେ ଆସିଥିଲେ । ଏହା ବ୍ୟତୀତ, ୧୯୧୯ ମସିହାର ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଓ ୧୯୩୨ ମସିହାରେ

Digitized by srujanika@gmail.com

ଭଗତ ସିଂ ପ୍ରମୁଖଙ୍କୁ ଫାଶୀ ଦେବା ଘଟଣା ତାଙ୍କୁ ବିଶେଷ ଆନ୍ଦୋଳିତ କରିଥିଲା । ତଥାପି ୧୯୩୯ ମସିହା ଯାଏ ସେ ସକ୍ରିୟ ରାଜନୀତି କ୍ଷେତ୍ରରେ ପଦାର୍ପଣ କରି ନ ଥିଲେ ।

୧୯୩୯ ମସିହାରେ ସ୍ବାମୀଙ୍କଠାରୁ ଅବ୍ୟାହତି ମିଳିବା ପରେ ସୁଚେତା ପ୍ରଥମେ ଓ୍ବାର୍ଡ଼ କଂଗ୍ରେସ ସ୍ତରରେ କର୍ମୀ ଭାବରେ ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ଏହା ପରେ ଅଖିଳ ଭାରତ କଂଗ୍ରେସ କମିଟି ଅଫିସରେ କାର୍ଯ୍ୟ କରିଥିଲେ ଓ ବୈଦେଶିକ ବିଭାଗର ଦାୟିତ୍ବ ନେଇଥିଲେ । ସେତେବେଳେ ଶ୍ରୀ ଓ ଶ୍ରୀମତୀ ଗୃକ୍ କାଇସେକ୍‌ଙ୍କ ଆଲ୍‌ହାବାଦ ପର୍ଯ୍ୟଟନ ବେଳେ ସେ ତାଙ୍କର ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରିଥିଲେ ।

୧୯୪୦ ମସିହାରେ କଂଗ୍ରେସର ରାମଗଡ଼ ( ବିହାର ) ଅଧିବେଶନରେ ବ୍ୟକ୍ତିଗତ ସତ୍ୟାଗ୍ରହ ଆନ୍ଦୋଳନ ଲାଗି ନିଷ୍ପତ୍ତି ନିଆଗଲାପରେ ସୁଚେତା କାରାବରଣ କରିବା ଲାଗି ସ୍ବେଚ୍ଛାକ୍ରମେ ଆଗେଇ ଆସିଥିଲେ । ଏହାପରେ ଭାରତ-ଛାଡ଼ ଆନ୍ଦୋଳନରେ ଯୋଗ ଦେଇ ସେ ପୁଣି ଥରେ କାରାବରଣ କରିଥିଲେ । ଜାତୀୟ ନେତାଗଣ କାରାରୁଦ୍ଧ ଥିଲାବେଳେ ସୁଚେତା ବୋମ୍ବେଠାରେ ରାମମନୋହରଲାଲ ଲୋହିଆ, ଶ୍ରୀମତୀ ଉଷା ମେହତା, ଅରୁଣା ଆସଫ ଅଲ୍ଲି ଓ ଅଚ୍ୟୁତ ପଟ୍ଟବର୍ଦ୍ଧନ ପ୍ରମୁଖଙ୍କ ସାହାଯ୍ୟରେ ବ୍ରିଟିଶ ସରକାର ବିରୋଧରେ ଏକ ଗୁପ୍ତ ବେତାର କେନ୍ଦ୍ର ଜରିଆରେ ସମସ୍ତ ପ୍ରକାର ନିଷେଧ କରାଯାଇଥିବା ସମ୍ବାଦ ପ୍ରଚାର କରି ଜନମତ ଜାଗ୍ରତ କରିବାରେ ଲାଗିଥିଲେ । ୧୯୪୩ ମସିହା ଜାନୁୟାରୀ ମାସରେ ଦିଲ୍ଲୀଠାରେ ଏକ ବିରାଟ ଗଣ ବିକ୍ଷୋଭର ଆୟୋଜନ କରିଥିଲେ । ତାଙ୍କର ଏତାଦୃଶ କାର୍ଯ୍ୟକଳାପ ପାଇଁ ସୁଚେତାଙ୍କୁ ମାର୍ଚ୍ଚ ୧୯୪୪ରେ ବନ୍ଦୀ କରାଯାଇ ୧୯୪୫

Digitized by srujanika@gmail.com

ଜୁଲାଇ ମାସ ପର୍ଯ୍ୟନ୍ତ ପ୍ରଥମେ ପାଟନା ଓ ପରେ ଲକ୍ଷ୍ନୌ ଜେଲରେ ଆବଦ୍ଧ ରଖାଯାଇଥିଲା ।

ଦେଶ ସ୍ୱାଧୀନତା ଲାଭ କଲା ପରେ ସୁଚେତା କୃପାଳନୀ ୧୯୪୭ ମସିହାରୁ ୧୯୫୦ ପର୍ଯ୍ୟନ୍ତ ଶାସନ ବ୍ୟବସ୍ଥାପକ ସଭାର ସଦସ୍ୟା ଥିଲେ । ସେତେବେଳେ ସେ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟା ମଧ୍ୟ ରହିଥିଲେ । ଇତି ମଧ୍ୟରେ ୧୯୪୯ ମସିହାରେ ସେ ଜାତିସଂଘ ସାଧାରଣ ପରିଷଦରେ ଭାରତର ପ୍ରତିନିଧି ରୂପେ ଯୋଗ ଦେଇଥିଲେ । ବହୁ ଦିନ ଧରି ସୁଚେତା କସ୍ତୁରବା ସ୍ମାରକ ପାଣ୍ଠିର ସମ୍ପାଦିକା ମଧ୍ୟ ହୋଇଥିଲେ ।

୧୯୫୨ ମସିହାରେ ସେ କଂଗ୍ରେସରୁ ଇସ୍ତଫା ଦେଇ କିଷାନ ମଜଦୁର୍ ପ୍ରଜାଦଳରେ ଯୋଗ ଦେଇଥିଲେ । କିନ୍ତୁ ପରେ ପୁଣି କଂଗ୍ରେସରେ ଯୋଗ ଦେଇ ୧୯୫୮ ମସିହାରୁ ୧୯୬୦ ପର୍ଯ୍ୟନ୍ତ ଦଳର ସମ୍ପାଦିକା ଭାବେ ଦାୟିତ୍ୱ ସଂପାଦନ କରିଥିଲେ । ୧୯୫୨ ମସିହାରୁ ୧୯୫୭ ମସିହା ପର୍ଯ୍ୟନ୍ତ ସେ ଲୋକସଭାର ସଦସ୍ୟା ହୋଇଥିଲେ । ୧୯୬୦ ମସିହାରେ ଉତ୍ତର ପ୍ରଦେଶ ବିଧାନସଭାକୁ ନିର୍ବାଚିତା ହୋଇ ପ୍ରଥମେ ଶ୍ରମ ମନ୍ତ୍ରୀ ଏବଂ ପରେ ୧୯୬୭ ଅକ୍ଟୋବର ୨ ତାରିଖଠାରୁ ୧୯୬୭ ଯାଏ ଦଳର ନେତ୍ରୀ ତଥା ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ସୁରୁଖୁରୁ ରୂପେ ତାଙ୍କର ସେହି ଗୁରୁଦାୟିତ୍ୱ ସମ୍ପାଦନ କରିଥିଲେ ।

ଏହାପରେ ୧୯୬୭ ମସିହାରେ ସେ ପୁଣି ପାର୍ଲିମେଣ୍ଟ ସଦସ୍ୟା ରୂପେ ନିର୍ବାଚିତା ହୋଇଥିଲେ । ଅବଶେଷରେ, ୧୯୬୯ ମସିହାରେ କଂଗ୍ରେସର ବିଭାଜନ ପରେ ସୁଚେତା ସଙ୍ଗଠନ କଂଗ୍ରେସରେ ଯୋଗ ଦେଇ ପ୍ରତ୍ୟକ୍ଷ ଶାସନ କ୍ଷେତ୍ରରୁ ଓହରି

Digitized by srujanika@gmail.com

ରହିଥିଲେ । ଅବଶେଷରେ, ହଠାତ୍ ହୃଦରୋଗରେ ଆକ୍ରାନ୍ତ ହୋଇ ପଡ଼ିବା ଫଳରେ ୧୯୭୪ ମସିହା ଡିସେମ୍ବର ପନ୍ଦର ଦିନ ତାଙ୍କର ଆକସ୍ମିକ ତିରୋଧାନ ଘଟିଲା ।

ସୁଚେତା ନିଜେ ସ୍ୱୀକାର କରିଛନ୍ତି ଯେ, ତାଙ୍କ ସ୍ୱାମୀ କୃପାଳନୀଜୀ ହିଁ ତାଙ୍କର ରାଜନୈତିକ ଗୁରୁ ଓ ପଥଦର୍ଶକ । ତଥାପି ସେ କର୍ମକ୍ଷେତ୍ରରେ ନିଜର ସ୍ୱତନ୍ତ୍ର ବିଚାରବୁଦ୍ଧି ଓ ରାଜନୈତିକ ଆଦର୍ଶ ପ୍ରଦର୍ଶନ କରିଛନ୍ତି । ତାଙ୍କ ସ୍ୱାମୀ ଶ୍ରୀଯୁକ୍ତ ଜୀବତ୍‌ରାମ ଭଗବାନ ଦାସ କୃପାଳନୀ କିଶାନ ମଜଦୁର ଦଳ ଓ ପରେ ପ୍ରଜାସମାଜବାଦୀ ଦଳର ସଭ୍ୟ ହୋଇଥିଲେ ହେଁ ସୁଚେତା ସ୍ୱାମୀଙ୍କ ଦ୍ୱାରା ପ୍ରଭାବିତ ନ ହୋଇ ଦୀର୍ଘକାଳ କଂଗ୍ରେସ ସଦସ୍ୟା ରୂପେ ବିଭିନ୍ନ ଦାୟିତ୍ୱ ସମ୍ପାଦନ କରି ଅସାମାନ୍ୟ ସ୍ୱତନ୍ତ୍ରତାର ପରିଚୟ ଦେଇଛନ୍ତି । ବିଶେଷ ଉଲ୍ଲେଖଯୋଗ୍ୟ ଯେ ଏହି ରାଜନୈତିକ ମତଦ୍ୱୈଧ ସତ୍ତ୍ୱେ ତାଙ୍କ ପାରିବାରିକ ଜୀବନରେ ତାର କୌଣସି କୁପ୍ରଭାବ ପଡ଼ି ନଥିଲା । ସୁଚେତା ତାଙ୍କ ଅସମ୍ପୂର୍ଣ୍ଣ ଆତ୍ମଜୀବନୀରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି—

"Kripalini was not too keen for me to enter politics, he wanted me to do any work of my choice, not necessarily politics. He was not only my husband but also my political guide. Living close to him, I imbibed often unconscsiously his way of thinking of assessing situations, and even of public speaking. In the course of years, I developed my own style of speaking and functioning but his early influence has left its indelible impression on me"

ଅର୍ଥାତ୍, ମୁଁ ରାଜନୀତିରେ ପ୍ରବେଶ କରେ, ଏହା କୃପାଳନୀ ଚାହୁଁ ନ ଥିଲେ । ସେ ଚାହୁଁଥିଲେ, ମୁଁ ରାଜନୀତି ବ୍ୟତୀତ ମୋ

Digitized by srujanika@gmail.com

ମନ ମୁତାବକ ଅନ୍ୟ ଯାହାକିଛି କରେ । ସେ କେବଳ ମୋର ସ୍ୱାମୀ ନ ଥିଲେ, ମୋର ରାଜନୈତିକ ପଥଦ୍ରଷ୍ଟା ମଧ୍ୟ ଥିଲେ । ତାଙ୍କ ନିକଟ ସମ୍ପର୍କରେ ଆସି ମୁଁ ଅନେକ ସମୟରେ ଅଜ୍ଞାତ-ସାରରେ ତାଙ୍କର ଚିନ୍ତାଧାରା, ତାଙ୍କର ପରିସ୍ଥିତି ଅନୁଧ୍ୟାନ ଓ ସାଧାରଣ ସଭାରେ ଉଦ୍‌ବୋଧନ ଦେବା କୌଶଳ ଆହରଣ କରିଛି । ସମୟ କ୍ରମେ ଅବଶ୍ୟ ମୋର ନିଜର ସ୍ୱତନ୍ତ୍ର ବାକ୍‌ଭଙ୍ଗୀ ଓ କର୍ମପଦ୍ଧତି ବିକଶିତ ହୋଇଛି, କିନ୍ତୁ ମୋ ଉପରେ ତାଙ୍କର ସେହି ଆଦ୍ୟକାଳୀନ ପ୍ରଭାବରେ ଏକ ଅଲିଭା ଛାପ ରହିଯାଇଛି ।"

ମାତ୍ର ସତଷଠି ବର୍ଷ ବୟସରେ ସୁଚେତାଙ୍କ ତିରୋଧାନ ଫଳରେ ଜାତୀୟ ରାଜନୀତି କ୍ଷେତ୍ରରୁ ଜଣେ ବିଚକ୍ଷଣା, ତ୍ୟାଗ-ପରାୟଣା ଓ କର୍ମନିପୁଣା ନେତ୍ରୀଙ୍କର ଯେ ବିଦାୟ ସଙ୍ଘଟିତ ହେଲା, ଏହା କହିବା ବାହୁଲ୍ୟ ମାତ୍ର । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା-ଗାନ୍ଧୀଙ୍କ ଭାଷାରେ, "ଶ୍ରୀମତୀ ସୁଚେତା କୃପାଳନୀ ଥିଲେ ସ୍ୱାଧୀନ ଭାରତର ଜଣେ ଅସାଧାରଣ ନାରୀ । ସଙ୍ଗଠନ ଓ ବିଧାନ ପରିଚାଳନା କ୍ଷେତ୍ରରେ ସେ ଉଲ୍ଲେଖଯୋଗ୍ୟ ଦକ୍ଷତାର ପରିଚୟ ପ୍ରଦାନ କରିଅଛନ୍ତି ।"

Digitized by srujanika@gmail.com

।। ନଅ ।।

# ମୁକ୍ତି-ଆନ୍ଦୋଳନର ଅନ୍ୟତମ ନେତ୍ରୀ

# ଦୁର୍ଗାବାଈ ଦେଶମୁଖ

[ ୧୯୦୯ — ]

ନାରୀ ଜାଗରଣର ସଫଳ ରୂପାୟନ ପୂର୍ବରୁ, ନାରୀଜାତିର ନିଷ୍ପେଷଣ ବିରୋଧରେ ସ୍ୱର ଉତ୍ତୋଳନ କରି ନାରୀ-ସମାଜକୁ ନିର୍ଭୀକ ଭାବେ ଦଣ୍ଡାୟମାନ ହୋଇ ନିଜର ଅଧିକାର ସାବ୍ୟସ୍ତ କରିବା ଲାଗି ପ୍ରବର୍ତ୍ତାଇବା ଦିଗରେ ଶ୍ରୀମତୀ ଦେଶମୁଖଙ୍କ ଅବଦାନ ଏକାନ୍ତ ଉଲ୍ଲେଖଯୋଗ୍ୟ । ଅବହେଳିତା ସ୍ତ୍ରୀ ସମାଜକୁ ଶିକ୍ଷା, ତାଲିମ ଓ ନେତୃତ୍ୱ ପ୍ରଦାନ କରି ଉନ୍ନତ ସ୍ତରରେ ପହଞ୍ଚାଇବା ପାଇଁ ତାଙ୍କ ଅକ୍ଳାନ୍ତ ଉଦ୍ୟମର ପଟାନ୍ତର ନାହିଁ । ଏହା ବ୍ୟତୀତ, ଭାରତର ସ୍ୱାଧୀନତା ସଂଗ୍ରାମରେ ସେ ନିର୍ଦ୍ଦିଷ୍ଟ ଭୂମିକା ଗ୍ରହଣ କରିଥିଲେ ଏବଂ ସ୍ୱାଧୀନତା ପରେ ଦେଶର ଅର୍ଥନୈତିକ ଗଠନରେ ନିଜକୁ ନିୟୋଜିତ କରି ଅସାମାନ୍ୟ କୃତିତ୍ୱର ପରିଚୟ ଦେଇଥିଲେ । ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା, ମହିଳାସଭା ଗଠନ, ବିଦେଶରେ ଭାରତର ପ୍ରତିନିଧିତ୍ୱ କରିବା ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ଦୁର୍ଗାବାଈ ନିଜ ସେବାମନୋଭାବର ସମ୍ୟକ ପରିଚୟ ପ୍ରଦାନ କରି ଜଣେ ସୁନାମଧନ୍ୟା ନେତ୍ରୀ ଭାବରେ ଜାତୀୟ ଇତିହାସରେ ନିଜର ଆସ୍ଥାନକୁ ସୁଦୃଢ଼ କରି ଗଢ଼ିଛନ୍ତି ।

Digitized by srujanika@gmail.com

ସପ୍ରତି ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ କାକିନାଡ଼ା ସହରର ଏକ ମଧ୍ୟବିତ୍ତ ପରିବାରରେ ୧୯୦୯ ମସିହାରେ ଶ୍ରୀମତି ଦୁର୍ଗାବାଈ ଜନ୍ମ ଗ୍ରହଣ କରିଥିଲେ । ଶ୍ରୀମତୀ ଦୁର୍ଗାବାଈଙ୍କର ପିତା ଜଣେ ବଦାନ୍ୟ ଓ ସେବା ପରାୟଣ ବ୍ୟକ୍ତି ଥିଲେ ଏବଂ ଶୈଶବରେ ସେ ପିତାଙ୍କ ଆଦର୍ଶରେ ପ୍ରଭାବିତା ହୋଇ ମାନବ ସେବା ତଥା ଅବହେଳିତ ଓ ନିଃସ୍ୱ ଜନତାର ଉନ୍ନୟନ ଚିନ୍ତା ପୋଷଣ କରିଥିଲେ । ଅଳ୍ପ କମ ବୟସରୁ ତାଙ୍କଠାରେ ସେବାମନୋଭାବ ଓ ଜାତୀୟ ଚିନ୍ତାଧାରାର ପ୍ରସ୍ଫୁରଣ ଘଟିଥିଲା । ତାଙ୍କୁ ମାତ୍ର ୧୨ ବର୍ଷ ବୟସ ହୋଇଥିଲା ବେଳେ ୧୯୨୧ ମସିହାରେ ସେ କାକିନାଡ଼ାଠାରେ ଏକ 'ବାଳିକା ହିନ୍ଦୀ ପାଠଶାଳା' ସ୍ଥାପନ କରି ଜାତୀୟ ସ୍ତରରେ ସ୍ତ୍ରୀ ଶିକ୍ଷାର ପ୍ରାଧାନ୍ୟ ପ୍ରତିଷ୍ଠା ଦିଗରେ ସଫଳ ପ୍ରୟାସ କରିଥିଲେ । ତାଙ୍କର ମାତୃଭାଷା ତେଲୁଗୁ ହୋଇଥିଲେ ହେଁ ସେହି ବୟସରେ ସେ ଜଣେ ଗୃହ ଶିକ୍ଷକ ନିଯୁକ୍ତ କରାଇ ତାଙ୍କଠାରୁ ହିନ୍ଦୀ ଶିକ୍ଷା ଲାଭ କରିଥିଲେ ।

୧୯୨୩ ମସିହାରେ କାକିନାଡ଼ାଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ସେ ସ୍ୱେଚ୍ଛାସେବିକା ରୂପେ ଯୋଗଦେଇ ନିଜର କର୍ତ୍ତବ୍ୟ ନିଷ୍ଠାର ପରିଚୟ ଦେଇଥିଲେ । ତତପୂର୍ବରୁ ୧୯୨୧ ମସିହାରେ ସେ ଗାନ୍ଧିଜୀଙ୍କ ଉଦ୍‌ବୋଧନ ଦ୍ୱାରା ପ୍ରଭାବିତା ହୋଇ ତାଙ୍କର କାକିନାଡ଼ା ଗସ୍ତବେଳେ ପାଞ୍ଚ ହଜାର ଟଙ୍କାର ପାଣ୍ଠି ସଂଗ୍ରହ କରି ତାହା ଏକ ସ୍ୱତନ୍ତ୍ର ଉତ୍ସବରେ ମହାତ୍ମାଙ୍କୁ ଅର୍ପଣ କରିଥିଲେ । କେବଳ ଏତିକି ନୁହେଁ ନିଜେ ୧୨।୧୪ ବର୍ଷର ବାଳିକା ହୋଇଥିଲେ ହେଁ ସେ ତାଙ୍କଠାରୁ ବୟସ୍କା ନାରୀମାନଙ୍କୁ ଏକଜୁଟ କରି ପ୍ରାୟ ୪୦୦।୫୦୦ ମହିଳାଙ୍କର ଏକ ସ୍ୱେଚ୍ଛାସେବୀ ଦଳ ସେ ଗଢ଼ି ପାରିଥିଲେ । ଏପରିକି, ହିନ୍ଦୀ ଶିକ୍ଷା ତଥା ସ୍ୱେଚ୍ଛାସେବୀ ଦଳ

Digitized by srujanika@gmail.com

ସଙ୍ଗଠନ କ୍ଷେତ୍ରରେ ଦୁର୍ଗାବାଈ ତାଙ୍କ ମାତାଙ୍କର ମଧ୍ୟ ଶିକ୍ଷୟିତ୍ରୀ ଥିଲେ ।

ଶୈଶବରେ ହିଁ ଦୁର୍ଗାବାଈଙ୍କର ପିତୃ ବିୟୋଗ ଘଟିଥିଲା । ତାପରେ ତାଙ୍କ ପରିବାର ମାନ୍ଦ୍ରାଜକୁ ବାସସ୍ଥାନ ପରିବର୍ତ୍ତନ କରିଥିଲେ । ୧୯୨୯ ମସିହାରେ କିଛି ଦିନ ପାଇଁ ଦୁର୍ଗାବାଈ ବାପୁଜୀ ଓ କସ୍ତୁରବାଙ୍କ ଗହଣରେ ଗାନ୍ଧୀ-ଆଶ୍ରମରେ ରହିଥିଲେ । ଶିକ୍ଷାର୍ଜନ ଉଦ୍ଦେଶ୍ୟରେ ସେଠାରୁ ଆସି ଯାଇଥିଲେ ସିନା ତିନି ବର୍ଷ ଯାଏ ବିଭିନ୍ନ ପ୍ରକାର ଆନ୍ଦୋଳନରେ ଯୋଗଦେବା କାରଣରୁ ୧୯୩୦ ମସିହାରୁ ୧୯୩୩ ମସିହା ମଧ୍ୟରେ ତିନି ଥର (ତୃତୀୟ ଥର ବର୍ଷକ ପାଇଁ) କାରାବରଣ କରିଥିଲେ ।

କାରାମୁକ୍ତ ହେଲା ପରେ ଦୁର୍ଗାବାଈ ଶ୍ରୀ ଗୋଗ ରାମଚନ୍ଦ୍ରଙ୍କ ନିକଟରେ ଘରୋଇ ଭାବେ ପ୍ରାୟ ନଅମାସ ପାଠ ପଢ଼ି ୧୯୩୪ ମସିହାରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଅଧୀନରେ ମ୍ୟାଟ୍ରିକୁଲେଶନ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଥିଲେ । ତାପରେ ସେହି ବିଶ୍ୱବିଦ୍ୟାଳୟରୁ ଆଇ. ଏ. ପାଶ୍ କଲା ପରେ ରାଜନୀତି ବିଜ୍ଞାନରେ ବି. ଏ. (ଅନର୍ସ) ପରୀକ୍ଷା ଦେବା ଉଦ୍ଦେଶ୍ୟରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ସ୍ଥାନ ପରିବର୍ତ୍ତନ କରିଥିଲେ, କାରଣ ପଣ୍ଡିତ ମାଳବ୍ୟଙ୍କ ତତ୍ତ୍ୱାବଧାନରେ ପରିଚାଳିତ ତତ୍କାଳୀନ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଛାତ୍ରୀମାନଙ୍କ ଲାଗି ରାଜନୀତି ବିଜ୍ଞାନ ଅଧ୍ୟୟନ ସୁବିଧା ନ ଥିଲା । ଦୁର୍ଗାବାଈ ବି. ଏ. (ଅନର୍ସ) ପରୀକ୍ଷାରେ (ଏମ୍. ଏ. ସମକକ୍ଷ ତିନି ବର୍ଷିଆ ପାଠ୍ୟକ୍ରମରେ) ପ୍ରଥମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଥିଲେ । ଏହା ପରେ ୧୯୩୯ ମସିହାରେ ସେ ଲଣ୍ଡନ ସ୍କୁଲ ଅଫ୍ ଇକନମିକ୍ସରେ ସ୍ଥାନ

Digitized by srujanika@gmail.com

ପାଇଥିଲେ । କିନ୍ତୁ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବା ଫଳରେ ସେହି ଯୋଜନା ବାତିଲ କରି ମାନ୍ଦ୍ରାଜରେ ଆଇନ ଅଧ୍ୟୟନ କଲେ ।

ଆଇନ ଛାତ୍ରୀ ଥିଲାବେଳେ ଦୁର୍ଗାବାଈ ମିର୍ଜାପୁର ରାଣୀ ସାହେବାଙ୍କ ସହାୟତାରେ 'ଅନ୍ଧ୍ର ମହିଳା ସଭା' ଗଠନ କରି ଶହ ଶହ ମହିଳାଙ୍କୁ ମାଟ୍ରିକୁଲେଶନ ପରୀକ୍ଷା ପାଇଁ ପ୍ରସ୍ତୁତ କରାଇ ଥିଲେ ଏବଂ ଅନେକଙ୍କୁ ସେବିକା (ନର୍ସ), ଧାତ୍ରି, କୁଟୀର ଶିଳ୍ପ, ଶିକ୍ଷୟିତ୍ରୀ ଆଦି ବିଭିନ୍ନ ସେବା କ୍ଷେତ୍ରରେ ତାଲିମ ଯୋଗାଇ ମହିଳାମାନଙ୍କ ପାଇଁ କର୍ମସଂସ୍ଥାନର ନୂତନ ଦିଗଦର୍ଶନ ଦେଇଥିଲେ । ଆନ୍ଧ୍ର ମହିଳା ସଭା କାକିନାଡ଼ା, ହାଇଦ୍ରାବାଦ, ମାନ୍ଦ୍ରାଜ ପ୍ରଭୃତି ସ୍ଥାନରେ ସମ୍ପ୍ରସାରିତ ହୋଇ ଉଠିଥିଲା ଏବଂ ଏହା ଫଳରେ ବହୁ ପତିତା, ଅରକ୍ଷିତା ଓ ବିଧବା ଉପକୃତ ହୋଇଥିଲେ ।

ଆଇନ ପରୀକ୍ଷାରେ ଡିଗ୍ରୀ ହାସଲ କଲା ପରେ ଦୁର୍ଗାବାଈ ଫେଡ଼େରାଲ ସୁପ୍ରିମ କୋର୍ଟରେ କିଛି ଦିନ ଓକିଲାତି କରିଥିଲେ ଏବଂ ପରେ ସମ୍ବିଧାନ ବିଧାୟକ ସଭାର କାର୍ଯ୍ୟକାରୀ କମିଟିରେ ସଦସ୍ୟା ଭାବେ ଯୋଗ ଦେଇଥିଲେ ।

ଦୁର୍ଗାବାଈଙ୍କର ବହୁମୁଖୀ କୃତିତ୍ୱ ପଣ୍ଡିତ ନେହରୁଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ଏବଂ ସେ ତାଙ୍କର ସେବାମୂଳକ କାର୍ଯ୍ୟ, ସଙ୍ଗଠନ ଶକ୍ତି ଓ ଅସାମାନ୍ୟ ପ୍ରତିଭାରେ ପ୍ରୀତ ହୋଇ ତାଙ୍କୁ ପ୍ରଥମେ ଦୁର୍ଭିକ୍ଷ ରିଲିଫ୍ କମିଶନରେ ନିଯୁକ୍ତ କରି ରାୟଲସୀମା ଅଞ୍ଚଳ (କର୍ଣ୍ଣୁଲ, କୁଡ଼୍ଡାପା, ବେଲ୍ଲାରି, ଅନନ୍ତପୁର ଅଞ୍ଚଳ) ଗସ୍ତରେ ପଠାଇଥିଲେ ଏବଂ ପରେ ବିଜୟଲକ୍ଷ୍ମୀ ପଣ୍ଡିତଙ୍କ ସହିତ ଭାରତୀୟ ପ୍ରତିନିଧି ଦଳର ଉପନେତ୍ରୀ ରୂପେ ଚୀନ ପଠାଇ-

Digitized by srujanika@gmail.com

ଥିଲେ । ପରେ, ତାଙ୍କର ଭାବୀ ସ୍ୱାମୀ ସି: ଡ: ଦେଶମୁଖଙ୍କ ପରାମର୍ଶ କ୍ରମେ, ନେହରୁ ଦୁର୍ଗାବାଈଙ୍କୁ ଯୋଜନା କମିଶନର ସଦସ୍ୟା ନିଯୁକ୍ତ କରିଥିଲେ । ସେ ଥିଲେ ଯୋଜନା କମିଶନର ପ୍ରଥମ ନାରୀ ସଭ୍ୟା ।

୧୯୫୩ ମସିହା ଜାନୁୟାରୀ ୨୨ ତାରିଖରେ ଚିନ୍ତାମଣି, ଦେଶମୁଖଙ୍କ ସହିତ ଦୁର୍ଗାବାଈଙ୍କର ରେଜିଷ୍ଟ୍ରି ବିବାହ ସମ୍ପନ୍ନ ହୋଇଥିଲା । ସେହି ବିବାହର ପ୍ରଥମ ସାକ୍ଷୀ ଥିଲେ ପଣ୍ଡିତ ନେହରୁ ଓ ଦ୍ୱିତୀୟ ସାକ୍ଷୀ ଶ୍ରୀମତୀ ସୁଚେତା କୃପାଳନୀ । ତେବେ, ଏହା ବିଶେଷ ଉଲ୍ଲେଖଯୋଗ୍ୟ ଯେ ବିବାହ ପରେ ମଧୁଚନ୍ଦ୍ରିକା ଉପଭୋଗ କରିବା ପରିବର୍ତ୍ତେ ଦୁର୍ଗାବାଈ ମହାରାଷ୍ଟ୍ରର ଦୁର୍ଭିକ୍ଷଗ୍ରସ୍ତ ଅଞ୍ଚଳକୁ ସାହାଯ୍ୟ ବ୍ୟବସ୍ଥା ଅନୁଧ୍ୟାନ କରିବା ପାଇଁ ଯାଇଥିଲେ ।

ଦୁର୍ଗାବାଈ ଭାରତୀୟ ଆଦର୍ଶରେ ଅନୁପ୍ରାଣିତା ଜଣେ ସରଳା ଓ ସାଧାସିଧା ମହିଳା ଥିଲେ ଓ ତାଙ୍କର ସ୍ୱାମୀ ଥିଲେ ବିଲାତ ଫେରନ୍ତା, ପାଶ୍ଚାତ୍ୟ ପରିବେଶରେ ବର୍ଦ୍ଧିତ ଓ ଆଇ. ସି. ଏସ୍. ଅଫିସର । ବିବାହ ତଥା ୧୯୫୩ ମସିହା ବେଳକୁ ଡକ୍ଟର ଦେଶମୁଖ ଥିଲେ ଭାରତର ଅର୍ଥମନ୍ତ୍ରୀ । ତାଙ୍କର ବୟସ ହୋଇଥିଲା ୫୭, ଦୁର୍ଗାବାଈଙ୍କୁ ୪୪ ବର୍ଷ ହୋଇଥିଲା । ଏହା ସତ୍ତ୍ୱେ ତାଙ୍କ ପାରିବାରିକ ଜୀବନରେ ନିରାନନ୍ଦ ନ ଥିଲା । ପରେ ଡକ୍ଟର ଦେଶମୁଖ ୧୯୫୬ରୁ ୧୯୬୧ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନର ଅଧ୍ୟକ୍ଷ ହୋଇଥିଲେ ଏବଂ ସେଥିରୁ ଅବ୍ୟାହତି ନେଲା ପରେ ୧୯୬୨ ମସିହାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତ ହୋଇଥିଲେ । ତାଙ୍କର ସୁଯୋଗ୍ୟ ପତ୍ନୀ ରୂପେ ଶ୍ରୀମତୀ ଦୁର୍ଗାବାଈ ବିଭିନ୍ନ ସମାଜସେବା କାର୍ଯ୍ୟରେ ନିଜକୁ ନିୟୋଜିତ

Digitized by srujanika@gmail.com

କରିଥିଲେ । ଶ୍ରୀ ଦେଶମୁଖ ନିଜେ ସ୍ୱୀକାର କରିଛନ୍ତି—"ଜଣେ କେବଳ ଦୁର୍ଦ୍ଦିନରେ ପଡ଼ିଥିଲେ ମୋର ପତ୍ନୀ ବନ୍ଧୁ ଅଚନ୍ତୁ ରଜନୀ ବିତାଇ ଦେଇଥିବା ମୁଁ ଦେଖିଛି ।"

ଶ୍ରୀମତୀ ଦୁର୍ଗାବାଈ ଏକ କେନ୍ଦ୍ରୀୟ ସମାଜ କଲ୍ୟାଣ ବୋର୍ଡ଼ (Central Social welfar Board) ଗଢ଼ି ୧୯୫୭ ଠାରୁ ୧୯୬୨ ଯାଏ ସେଥିର ଅଧ୍ୟକ୍ଷା ହୋଇଥିଲେ । ଏହି ସଂସ୍ଥା ମାଧ୍ୟମରେ ସେ ସମାଜସେବା କାର୍ଯ୍ୟକ୍ରମକୁ ବ୍ୟାପକତର କରି ପକାଇଥିଲେ ଏବଂ ଏଥିରେ ବିଶେଷ ଭାବେ ଜଡ଼ିତ ହୋଇ ପଡ଼ିବା ଯୋଗୁଁ ସେ ଯୋଜନା କମିଶନ ସଦସ୍ୟା ପଦରୁ ଇସ୍ତଫା ଦେଇଥିଲେ । ସମାଜ କଲ୍ୟାଣ କାର୍ଯ୍ୟକ୍ରମ ପରିଚାଳନା କ୍ରମେ ସେ କସ୍ତୁରବା ସ୍ମାରକ ନିଧି ଅଧୀନସ୍ଥ ବିଭିନ୍ନ ସେବା ସଂସ୍ଥାଗୁଡ଼ିକୁ ଅଧିକ ସକ୍ରିୟ କରି ଗଢ଼ି ପାରିଥିଲେ ।

ଇତି ମଧ୍ୟରେ ୧୯୫୮ ମସିହାରେ ଶ୍ରୀମତୀ ଦେଶମୁଖ ନାରୀ ଶିକ୍ଷା ସମ୍ବନ୍ଧୀୟ ଜାତୀୟ କମିଟିର ଅଧ୍ୟକ୍ଷା ନିଯୁକ୍ତ ହୋଇଥିଲେ । ପରେ ୧୯୬୧ ମସିହାରେ ସେ ଏହି ପଦବୀ ତ୍ୟାଗ କରି ନିଜ ଉଦ୍ୟମରେ ପ୍ରତିଷ୍ଠିତ 'ସାମାଜିକ ବିକାଶ ପରିଷଦ' (Council for Social Development) ର ଅବୈତନିକ ନିର୍ଦ୍ଦେଶିକା ତଥା କାର୍ଯ୍ୟକ୍ରମ ପରିଚାଳିକା ରୂପେ ବିଭିନ୍ନ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ ଏବଂ ୧୯୬୨ ଠାରୁ ୧୯୬୭ ପର୍ଯ୍ୟନ୍ତ ସେଥିରେ ସଂଶ୍ଳିଷ୍ଟ ରହିଥିଲେ । ଦେଶରେ ପ୍ରୌଢ଼ ଶିକ୍ଷା ପ୍ରବର୍ତ୍ତନ କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ପାଇଁ ଦୁର୍ଗାବାଈଙ୍କୁ ୧୯୬୩ ମସିହାରେ ନେହରୁ ସାକ୍ଷର ପୁରସ୍କାର (Nehru Literacy Award) ପ୍ରଦାନ କରାଯାଇଥିଲା ଏବଂ ଗତ ୧୯୭୫ ମସିହାରେ ସେ

Digitized by srujanika@gmail.com

‘ପଦ୍ମବିଭୂଷଣ’ ଉପାଧିରେ ଭୂଷିତା ହୋଇଥିଲେ । (ତାଙ୍କ ସ୍ୱାମୀ ଚିନ୍ତାମଣି ଦେଶମୁଖଙ୍କୁ ମଧ୍ୟ ୧୯୭୫ରେ ପଦ୍ମବିଭୂଷଣ ଉପାଧି ପ୍ରଦାନ କରାଯାଇଥିଲା ।)

ପରିଣତ ଅବସ୍ଥାରେ ସଂପ୍ରତି ଦେଶମୁଖ ଦମ୍ପତି ହାଇଦ୍ରା-ବାଦଠାରେ ଏକ ପ୍ରକାର ଅବସରପ୍ରାପ୍ତ ଜୀବନ ଯାପନ କରୁଅଛନ୍ତି । ବିଭିନ୍ନ ଅନୁଷ୍ଠାନ ପ୍ରତିଷ୍ଠା କରିବା ଓ ଅସଂଖ୍ୟ ମହିଳା କର୍ମୀ ଗଢି ସମାଜ ସେବା କ୍ଷେତ୍ରରେ ଏକ ନବ ଦିଗନ୍ତ ଉନ୍ମୋଚନ କରିବା ଶ୍ରୀମତୀ ଦୁର୍ଗାବାଈ ଦେଶମୁଖଙ୍କର ଏ ଜାତି ପାଇଁ ଯେ ଏକ ଅସାଧାରଣ ଅବଦାନ, ଏଥିରେ ମତଦ୍ୱୈଧର ପ୍ରଶ୍ନ ନାହିଁ । ଅର୍ଥ ବିନିଯୋଗ ଅପେକ୍ଷା କର୍ମୀ ପ୍ରସ୍ତୁତିର ପ୍ରାଧାନ୍ୟ ଅଧିକ, ଏହାହିଁ ଦୁର୍ଗାବାଈଙ୍କ ସେବାମୟ ଜୀବନର ଶ୍ରେଷ୍ଠ ଆଦର୍ଶ ଏବଂ ଏହି ଆଦର୍ଶ ପ୍ରସାରର ଆବଶ୍ୟକତା ଏବେ ମଧ୍ୟ ଅନସ୍ୱୀକାର୍ଯ୍ୟ ।

●

Digitized by srujanika@gmail.com

॥ ଦଶ ॥

# ପୃଥିବୀର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ

# ଶିରୀମାଭୋ ବନ୍ଦରନାଏକ

[ ୧୯୧୯ — ]

ସମଗ୍ର ପୃଥିବୀରେ ଶିଳ୍ପ-ବିପ୍ଳବର ପ୍ରାଧାନ୍ୟ ଅନୁଭୂତ ହେବା ପରେ ବିଶ୍ୱରେ ନାରୀ ଜାଗରଣର ବିକାଶଧାରା ବାଧାପ୍ରାପ୍ତ ହୋଇଥିଲା ଏବଂ ଅନ୍ୟାନ୍ୟ ସାମାଜିକ ପଦବୀ ସମେତ ଶାସନ କ୍ଷେତ୍ର କେବଳ ପୁରୁଷମାନଙ୍କ ପାଇଁ ଉନ୍ମୁକ୍ତ ବୋଲି ଏକ ପ୍ରକାର ଧାରଣା ସୃଷ୍ଟି ହୋଇଥିଲା । ଏଭଳି ପରିସ୍ଥିତିରେ ୧୯୬୦ ମସିହା ଜୁଲାଇ ମାସରେ ବହୁଜନ ସମର୍ଥନ ଲାଭ କରି ଶ୍ରୀମତୀ ବନ୍ଦର ନାଏକ ତଦାନୀନ୍ତନ ସିଂହଳ ଦେଶର ପ୍ରଧାନମନ୍ତ୍ରୀ ପଦବୀରେ ଅଧିଷ୍ଠିତା ହୋଇ ପୃଥିବୀ ଇତିହାସରେ ଏକ ଅପୂର୍ବ ଅଧ୍ୟାୟ ସୃଷ୍ଟି କରିଥିଲେ । କେବଳ ସେତିକି ନୁହେଁ, ସମାଜ ସେବା, ଦଳ ସଙ୍ଗଠନ, ଜାତୀୟ ରାଜନୈତିକ କାର୍ଯ୍ୟକଳାପ ଓ ଆନ୍ତର୍ଜାତିକ ସଂପର୍କ ପ୍ରତିଷ୍ଠା ପ୍ରତ୍ୟେକ କ୍ଷେତ୍ରରେ ଶିରୀମାଭୋ ବନ୍ଦର ନାଏକ ତାଙ୍କ ଦକ୍ଷତାର ପରିଚୟ ଦେଇଛନ୍ତି । ରାଜନୀତି କ୍ଷେତ୍ରରେ ଅତି କମ୍ ବୟସରେ ବିଶେଷ ଅଭିଜ୍ଞତା ଓ ସୁନାମ ଅର୍ଜନ କରିବା ତାଙ୍କ ଜୀବନର ଏକ ଉଲ୍ଲେଖଯୋଗ୍ୟ ଘଟଣା ।

Digitized by srujanika@gmail.com

ଶିଶୁମାନେ ଅତି ଅଳ୍ପ ବୟସରୁ ସମାଜ ତଥା ସାଧାରଣ ସେବା କ୍ଷେତ୍ର ପ୍ରତି ଆଗ୍ରହ ପ୍ରକାଶ କରିଥିଲେ । ସିଂହଳ ଦ୍ୱୀପର ନାରୀ ସମାଜର ସାମାଜିକ ଅବସ୍ଥାରେ ଉନ୍ନତି ଘଟାଇବା ଦିଗରେ ସେ ବହୁ ଆଗରୁ ଉଦ୍ୟମ କରିଥିଲେ ଏବଂ ଏଥିପାଇଁ ବିଭିନ୍ନ ଗ୍ରାମାଞ୍ଚଳ ପର୍ଯ୍ୟଟନ କରି ଶିଶୁମାନେ ସ୍ତ୍ରୀମାନଙ୍କୁ ପରିବର୍ତ୍ତିତ ପରିସ୍ଥିତିରେ ସେମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଇଥିଲେ । ଦଳ ସଙ୍ଗଠନ ତଥା କର୍ମୀ ପ୍ରସ୍ତୁତି କ୍ଷେତ୍ରରେ ମଧ୍ୟ ଶିଶୁମାନେଙ୍କର କୃତିତ୍ୱ ଅବିସମ୍ବାଦିତ ।

ଶିଶୁମାନେ ୧୯୧୯ ମସିହାରେ ସିଂହଳ ଦ୍ୱୀପ (ଶ୍ରୀଲଙ୍କା)ର ଏକ ପାହାଡ଼ିଆ ଗ୍ରାମ ରତ୍ନପୁରଠାରେ ଏକ ବିତ୍ତଶାଳୀ କାଣ୍ଡିଆନ୍ ଜମିଦାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ରତ୍ନପୁର କନ୍‌ଭେଣ୍ଟ ଓ କଲମ୍ବୋସ୍ଥ ସେଣ୍ଟ ବ୍ରିଜେଟସ୍ କନଭେଣ୍ଟ ବିଦ୍ୟାଳୟରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଶେଷ କଲା ପରେ ସେ ସାଧାରଣ ସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରିଥିଲେ ଏବଂ ନାରୀଜାତିର ଉନ୍ନୟନ କଳ୍ପେ କାର୍ଯ୍ୟାରମ୍ଭ କରିଥିଲେ ।

୧୯୪୦ ମସିହାରେ ଶିଶୁମାନେ ୨୧ ବର୍ଷ ବୟସରେ ତତ୍କାଳୀନ ସ୍ୱାସ୍ଥ୍ୟ ମନ୍ତ୍ରୀ ସୋଲମନ ବନ୍ଦର ନାୟକଙ୍କୁ ବିବାହ କରିଥିଲେ । (ସେତେବେଳେ ସୋଲମନ ଥିଲେ ପରାଧୀନ ସିଂହଳର ମନ୍ତ୍ରୀ । ସିଂହଳ ୧୮୦୨ ମସିହା ଠାରୁ ବ୍ରିଟିଶ ଉପ-ନିବେଶରେ ପରିଣତ ହୋଇଥିଲା ଏବଂ ୧୯୪୮ ମସିହା ଫେବ୍ରୁୟାରୀ ୪ ତାରିଖରେ ସ୍ୱାଧୀନତା ଲାଭ କରିଥିଲା ।) ବିବାହିତା ଜୀବନ ଆରମ୍ଭ କଲା ପରେ ମଧ୍ୟ ଶିଶୁମାନେ ଜନସେବା କ୍ଷେତ୍ରରୁ ଓହରି ନ ଥିଲେ; ବରଂ ସେଥିରେ ଅଧିକ ଆତ୍ମନିୟୋଗ କରିଥିଲେ । ସେ 'ଲଙ୍କା ମହିଳା ସମିତି'ରେ ଯୋଗଦାନ କରିଥିଲେ ଏବଂ

Digitized by srujanika@gmail.com

ପ୍ରଥମେ ସେଥିର କୋଷାଧ୍ୟକ୍ଷା, ପରେ ଉପସଭାନେତ୍ରୀ ଓ ଶେଷରେ ସଭାନେତ୍ରୀ ହୋଇଥିଲେ । ତାଙ୍କ ଉଦ୍ୟମରେ ଏହି ସମିତିର କାର୍ଯ୍ୟକଳାପ ସମଗ୍ର ସିଂହଳ ଦ୍ୱୀପରେ ପରିବ୍ୟାପ୍ତ ହୋଇଥିଲା ଏବଂ ଏହା ବିଶ୍ୱ ମହିଳା ସମିତି ( Assciated Country women of the World )ରେ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା ।

ଶ୍ରୀଯୁକ୍ତ ସୋଲମନ ବନ୍ଦର ନାଇକଙ୍କର ସୁଯୋଗ୍ୟା ସହଧର୍ମିଣୀ ରୂପେ ଶିରିମାଭୋ ତାଙ୍କ ରାଜନୈତିକ କର୍ମ କ୍ଷେତ୍ରର ପ୍ରତି ସ୍ତରରେ ସାହାଯ୍ୟ କରିଥିଲେ । ସ୍ୱାମୀଙ୍କର ଅନୁପସ୍ଥିତିରେ ମଧ୍ୟ ସେ ତାଙ୍କ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ଘେରି କରି ଜନସାଧାରଣଙ୍କର ଭଲମନ୍ଦ ବୁଝୁଥିଲେ । ଶ୍ରୀଯୁକ୍ତ ସୋଲମନ ବନ୍ଦରନାଇକ ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ର ସିଂହଳର ପ୍ରଧାନମନ୍ତ୍ରୀ ଆସନ ଅଳଂକୃତ କରିବା ମୂଳରେ ଶିରିମାଭୋଙ୍କର ଅବଦାନ ନଗଣ୍ୟ ନ ଥିଲା । ସୋଲମନଙ୍କ ନିର୍ବାଚନ ମଣ୍ଡଳୀର ଅଧିକାଂଶ ଜନସାଧାରଣ ଶିରିମାଭୋଙ୍କ ପ୍ରତି ମଧ୍ୟ ଅନୁରକ୍ତ ଥିଲେ କହିବା ବାହୁଲ୍ୟ ମାତ୍ର ।

୧୯୫୯ ମସିହା ସେପ୍‌ଟେମ୍ବର ୨୫ ତାରିଖରେ ସିଂହଳର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ସୋଲମନ ବନ୍ଦରନାଇକ ରାଜନୈତିକହତ୍ୟାର ଶିକାର ହେଲା ପରେ ସିଂହଳ ରାଜନୀତିରେ ଘୋର ଆଲୋଡ଼ନର ସୂତ୍ରପାତ ଘଟିଥିଲା । ଶ୍ରୀମତୀ ବନ୍ଦରନାଇକ ସର୍ବସମ୍ମତିକ୍ରମେ ଶ୍ରୀଲଙ୍କା ମୁକ୍ତିଦଳ (Sri Lanka Freedom Party) ର ଉମ୍ମେଦବାର ରୂପେ ମନୋନୀତ ହୋଇଥିଲେ ଏବଂ ୧୯୬୦ ମସିହା ମଇ ମାସରେ ଦଳର ସଭାନେତ୍ରୀ ନିର୍ବାଚିତ ହେଲେ । ସାଧାରଣ ନିର୍ବାଚନରେ ମୁକ୍ତିଦଳ ବିପୁଳ ଗରିଷ୍ଠତା ହାସଲ କରିବା

Digitized by srujanika@gmail.com

ଫଳରେ ଜୁଲାଇ ମାସରେ ଶିରିମାଭୋ ସିଂହଳର ପ୍ରଧାନମନ୍ତ୍ରୀ ପଦବୀ ମଣ୍ଡନ କରିଥିଲେ । ପରଲୋକ ଗତ ସ୍ୱାମୀଙ୍କର ଆଦର୍ଶରେ ନିଜକୁ ଉତ୍ସର୍ଗ କରି ଶାସନ କ୍ଷେତ୍ରକୁ ସୁଦୃଢ଼ କରିବାରେ ସେ ବ୍ରତୀ ହୋଇଥିଲେ । ସେ ଥିଲେ ଆଧୁନିକ ବିଶ୍ୱର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ।

ପ୍ରଧାନମନ୍ତ୍ରୀ ହେବା ପରେ ଶିରିମାଭୋ ୧୯୬୦ ମସିହା ଡିସେମ୍ବର ମାସରେ ଏକ ସଦିଚ୍ଛାମୂଳକ ଗସ୍ତରେ ଭାରତକୁ ଆସି ପ୍ରଧାନମନ୍ତ୍ରୀ ନେହରୁଙ୍କ ଆତିଥ୍ୟ ଗ୍ରହଣ କରିଥିଲେ । ୧୯୬୨ ମସିହାର ଚୀନ-ଭାରତ ସଂଘର୍ଷ ପରେ ଉଭୟ ଦେଶ ମଧ୍ୟରେ ସଦ୍‌ଭାବ ଫେରାଇ ଆଣିବା ଉଦ୍ଦେଶ୍ୟରେ ସେ ବର୍ଷ ଡିସେମ୍ବର ମାସରେ ଆହୂତ ଷଡ଼ରାଷ୍ଟ୍ର କଲମ୍ବୋ ସମ୍ମିଳନୀ ତାଙ୍କ ପ୍ରଧାନ-ମନ୍ତ୍ରିତ୍ୱ କାଳର ଏକ ଉଲ୍ଲେଖନୀୟ ଅବଦାନ ।

ଏହା ବ୍ୟତୀତ, ଭାରତୀୟ ବଂଶୋଦ୍‌ଭବ ସିଂହଳବାସୀଙ୍କ ସମସ୍ୟା ନେଇ ଭାରତ ଓ ସିଂହଳ ମଧ୍ୟରେ ଯେଉଁ ତିକ୍ତତା ସୃଷ୍ଟି ହୋଇଥିଲା, ଶ୍ରୀମତୀ ବନ୍ଦରନାଇକ ଓ ଶାସ୍ତ୍ରୀଙ୍କ ମଧ୍ୟରେ ସ୍ୱାକ୍ଷରିତ ୧୯୬୪ ମସିହା ଅକ୍ଟୋବର ୨୯ ତାରିଖର ରାଜିନାମା ଫଳରେ ତାହାର ସମାଧାନ ଦିଗରେ ସାର୍ଥକ ପଦକ୍ଷେପ ନିଆଯାଇଥିଲା । ଯଦିଓ ୧୯୬୪ ଡିସେମ୍ବର ମାସରେ ଶ୍ରୀମତୀ ବନ୍ଦର-ନାଇକଙ୍କ ସରକାରର ପତନ ଘଟିବା ଫଳରେ ଏହି ଚୁକ୍ତିର ଉଦ୍ଦେଶ୍ୟ ଅନେକାଂଶରେ ବ୍ୟାହତ ହୋଇଥିଲା, ତଥାପି ଏହାକୁ ଏକ ଐତିହାସିକ ଚୁକ୍ତିରୂପେ ଅଭିହିତ କରାଯାଇଥିଲା ।

୧୯୬୫ ମସିହା ମାର୍ଚ୍ଚ ମାସରେ ଅନୁଷ୍ଠିତ ନିର୍ବାଚନରେ ଶ୍ରୀମତୀ ବନ୍ଦର ନାଇକଙ୍କ ମୁକ୍ତ ଦଳ ମାତ୍ର ୪୧ଟି ସ୍ଥାନରେ ବିଜୟ

Digitized by srujanika@gmail.com

ହାସଲ କରିବା ଦ୍ୱାରା ୭୭ଟି ସ୍ଥାନରେ ବିଜୟୀ ହୋଇଥିବା ସଂଯୁକ୍ତ ଜାତୀୟ ଦଳ ଡଡ଼ଲି ସେନାନାୟକଙ୍କ ନେତୃତ୍ୱରେ ମିଳିତ ସରକାର ଗଢ଼ିଥିଲେ । କିନ୍ତୁ ୧୯୭୦ ନିର୍ବାଚନରେ ଶ୍ରୀମତୀ ବନ୍ଦରନାଇକଙ୍କ ନେତୃତ୍ୱରେ ବିପକ୍ଷୀୟ ମିଳିତ ବାମପନ୍ଥୀ ଦଳ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା ଓ ସେ ମଇ ୨୯ ତାରିଖରେ ପୁଣି ପ୍ରଧାନମନ୍ତ୍ରୀ ହେଲେ ।

ଶ୍ରୀମତୀ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହେବାପରେ ସିଂହଳ ଏକ ଅଭୂତପୂର୍ବ ଚରମପନ୍ଥୀ ବିଦ୍ରୋହର ସମ୍ମୁଖୀନ ହୋଇଥିଲା । ସେହି ଦୁର୍ଦ୍ଦିନ ବେଳେ ସେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରି ବିଦ୍ରୋହୀମାନଙ୍କୁ ଦୃଢ଼ ହସ୍ତରେ ଦମନ କରିଥିଲେ । ସେତେବେଳେ ସେଠାରେ ତିନି ଶତ ମହିଳାଙ୍କ ସମେତ ଦଶ ହଜାର ଲୋକଙ୍କ ଅଟକବନ୍ଦୀ କରାଯାଇଥିଲା ବୋଲି ସରକାରୀ ଭାବେ ପ୍ରକାଶ ପାଇଥିଲା । ସେହି ବିଦ୍ରୋହରେ ୧୧୫୦ ଜଣ ବିଦ୍ରୋହୀ ଏବଂ ୬୦ ଜଣ ନିରାପତ୍ତାରକ୍ଷୀ ପ୍ରାଣ ହରାଇଥିବା ଘୋଷଣା କରାଯାଇଥିଲା । ଏଥିରୁ ଶ୍ରୀମତୀ ବନ୍ଦରନାଇକଙ୍କ ଅସାମାନ୍ୟ ପ୍ରଶାସନିକ ଦକ୍ଷତାର ପ୍ରମାଣ ମିଳେ, କହିବା ଅନାବଶ୍ୟକ ।

୧୯୭୨ ମଇ ୨୨ ତାରିଖରେ ସେଠାରେ ନୂତନ ସମ୍ବିଧାନ ପ୍ରବର୍ତ୍ତନ କରାଯାଇଛି ଏବଂ ସିଂହଳ ଶ୍ରୀ ଲଙ୍କା ସାଧାରଣତନ୍ତ୍ରରେ ପରିଣତ ହୋଇଛି । ଏହା ଫଳରେ ଶ୍ରୀମତୀ ବନ୍ଦର ନାଇକ ପୁଣି ଛଅ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଭାବେ ରହିବାର ସୁଯୋଗ ହୋଇ ପାରିଛି । ସେ ସମ୍ପ୍ରତି ଶ୍ରୀ ଲଙ୍କାର ସର୍ବାଙ୍ଗୀନ ଉନ୍ନତି ଦିଗରେ କେବଳ ଧ୍ୟାନ ଦେଇ ନାହାନ୍ତି, ତା ସଙ୍ଗେ ସଙ୍ଗେ ପଡ଼ୋଶୀ

Digitized by srujanika@gmail.com

ରାଷ୍ଟ୍ରମାନଙ୍କ ସହିତ ସଦ୍‌ଭାବପୂର୍ଣ୍ଣ ସମ୍ପର୍କ ସୃଷ୍ଟି କରିବା ପ୍ରତି ମଧ୍ୟ ସଚେତନଶୀଳ ଅଛନ୍ତି । ଏହା ବ୍ୟତୀତ, ଆନ୍ତର୍ଜାତିକ ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ନିରସ୍ତ୍ରୀକରଣ ପରିକଳ୍ପନାର ସଫଳ ରୂପାୟନ ନିମନ୍ତେ ଅନବରତ ଉଦ୍ୟମ ଚଳାଇଛନ୍ତି । ପୃଥିବୀର ରାଜନୈତିକ ଇତିହାସରେ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ଶ୍ରୀମତୀ ବନ୍ଦରନାୟକଙ୍କର ଏଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଚିରସ୍ମରଣୀୟ ହୋଇ ରହିବ, ଏଥିରେ ସନ୍ଦେହ ନାହିଁ ।

●

Digitized by srujanika@gmail.com

# ଏହି ଲେଖକଙ୍କର

**ଜୀବନୀ-ସମାଲୋଚନା—**

ଯୁଗଜନକ ମହାତ୍ମା ଗାନ୍ଧୀ
ଯୁଗଦ୍ରଷ୍ଟା ନେହରୁ
ଯୁଗସ୍ରଷ୍ଟା ନେହରୁ
ଯୁଗଜ୍ୟୋତି ଲାଲବାହାଦୁର ଶାସ୍ତ୍ରୀ
ଯୁଗନେତ୍ରୀ ଇନ୍ଦିରା
ଯୁଗପୁରୁଷ ଗୋପବନ୍ଧୁ ଦାସ
ଯୁଗାଚାର୍ଯ୍ୟ ରାଜାଜୀ
ଯୁଗମାନବ ଜାକିର ହୁସେନ୍
ପୃଥିବୀର ଅମର ମଣିଷ (ପାଞ୍ଚଖଣ୍ଡ ସେଟ୍)
ମୌଲାନା ଆଜାଦ

**ପ୍ରବନ୍ଧ ଓ ଐତିହାସିକ ଆଲୋଚନା—**

ଯୁଗେ ଯୁଗେ ଭାରତ
ଯୁଗେ ଯୁଗେ ଆଫ୍ରିକା
ଯୁଗେ ଯୁଗେ ଋଷ
ସାଂପ୍ରତିକ ପ୍ରବନ୍ଧ
ସାଂପ୍ରତିକ ସମସ୍ୟା
ଜାତିସଂଘ

**ଉପନ୍ୟାସ—**

ମାନସ ମନ୍ଥନ
ଡାହାଣୀର ଆତ୍ମହତ୍ୟା
ସ୍ୱପ୍ନ କଳସ
ଶ୍ରୀମନ୍ତ ବାଟେବଣ୍ଟ (ଅନୁବାଦ)

Digitized by srujanika@gmail.com

# ମହାନ ପ୍ରସ୍ତୁତି ପଥେ

ଏଇ ଲେଖକଙ୍କର :—

*** ଯୁଗଦ୍ରଷ୍ଟା ରାଧାକୃଷ୍ଣନ୍**

( ସ୍ୱର୍ଗତ ଡକ୍ଟର ରାଧାକୃଷ୍ଣନ୍‌ଙ୍କ ଜୀବନୀ ଓ ଦର୍ଶନାଲୋଚନା )

*** ଓଡ଼ିଶାର ସପ୍ତରଥୀ**

ମଧୁସୂଦନ, କୃଷ୍ଣଚନ୍ଦ୍ର ଗଜପତି, ବିଶ୍ୱନାଥ ଦାସ ପ୍ରମୁଖ
ସାତଜଣଙ୍କର ଜୀବନୀ ।

*** ସତ୍ୟବାଦୀର ସପ୍ତରଥୀ**

( ଗୋପବନ୍ଧୁଙ୍କଠାରୁ ରାଧାନାଥ ରଥଙ୍କ ପର୍ଯ୍ୟନ୍ତ )

Digitized by srujanika@gmail.com